Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✢Vol - 21✢ Issue No:332✢1 April 2026 (Wednesday) ✢ Rourkela ✢ Rs.2.00 ✢ Page -1 ✢୨୧ ବର୍ଷ ✢ସଂଖ୍ୟା:୩୩୨✢୧ ଏପ୍ରିଲ ୨୦୨୬ (ବୁଧବାର)✢ ରାଉରକେଲା ✢ମୂଲ୍ୟ:ଟ.୨.୦୦✢ ପୃଷ୍ଠା-୬

ଡିଜେଲ-ପେଟ୍ରୋଲ ଦର ବୃଦ୍ଧି ନେଇ ବ୍ରିଟେନ ଚିନ୍ତିତ :

ସହାୟତା ଲୋଡ଼ିଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ

ଲଣ୍ଡନ,୩୧/୩: ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମର ମଙ୍ଗଳବାର ସ୍ୱୀକାର କରିଛନ୍ତି ଯେ, ୟୁକେ ସରକାର ଏକୁଟିଆ ଇରାନ ଏବଂ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ଅର୍ଥନୈତିକ ପ୍ରଭାବର ମୁକାବିଲା କରିପାରିବେ ନାହିଁ। ସେ ଡାଉନିଂ ଷ୍ଟ୍ରିଟରେ ପ୍ରମୁଖ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଏକ ଗୋଲଟେବୁଲ ଆଲୋଚନା କରି କହିଛନ୍ତି, ଏହାର ମୁକାବିଲା ପାଇଁ ଏକ ମିଳିତ ପ୍ରୟାସ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଶକ୍ତି, ଜାହାଜ ଚଳାଚଳ ଏବଂ ଆର୍ଥିକ କ୍ଷେତ୍ରର ପ୍ରମୁଖ କମ୍ପାନିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି,ସରକାର ଏକୁଟିଆ ଏହା କରିପାରିବ ନାହିଁ। ଆପଣମାନେ ଏକୁଟିଆ ମଧ୍ୟ ଏହା କରିପାରିବେ ନାହିଁ। ଆମକୁ ଏନେଇ ଏକାଠି କାମ କରିବାକୁ ପଡିବ। ଏପରି କହି ସେ ଶିଳ୍ପସଂସ୍ଥାଙ୍କ ସହାୟାତା ଲୋଡ଼ିଛନ୍ତି। ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ୟୁକେରେ ଭ୍ୟାନ୍ ଡ୍ରାଇଭର ଏବଂ ଛୋଟ ବ୍ୟବସାୟ କ୍ଷତି ସହୁଛନ୍ତି। ସେ କହିଛନ୍ତି ଯେ ଡିଜେଲ ମୂଲ୍ୟ ବୃଦ୍ଧି ଲକ୍ଷ ଲକ୍ଷ ରାସ୍ତା ଶ୍ରମିକଙ୍କ ପକେଟ ଉପରେ ପ୍ରଭାବ ପକାଉଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ବ୍ରିଟିଶ ସରକାର ଜରୁରୀକାଳୀନ ଯୋଜନାଗୁଡ଼ିକୁ ସକ୍ରିୟ କରିଛନ୍ତି। ଜି-୭ ଦେଶମାନଙ୍କ ସହିତ ଏକ ଜରୁରୀକାଳୀନ ଭର୍ଚୁଆଲ୍ ବୈଠକରେ ବ୍ରିଟିଶ ଚାନ୍ସେଲର ରାଚେଲ ରିଭସ୍ ସଙ୍କଟର ସମାଧାନ ଖୋଜିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ଣ୍ଣର ଆଣ୍ଡ୍ରୁ ବେଲି, ଶକ୍ତି ସଚିବ ଏଡ୍ ମିଲିବ୍ୟାଣ୍ଡ ଏବଂ ଅର୍ଥମନ୍ତ୍ରୀମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ।

ଭାରତକୁ ଆସୁଥିବା ୨୨ ତେଲ ଓ ଗ୍ୟାସ୍ ଟ୍ୟାଙ୍କର ହର୍ମୁଜରେ ଫସିରହିଛି

ନୂଆଦିଲ୍ଲୀ,୩୧/୩: ଭାରତକୁ ଶକ୍ତି ଯୋଗାଣ ବହନ କରୁଥିବା ୨୨ ତେଲ ଏବଂ ଗ୍ୟାସ୍ ଟ୍ୟାଙ୍କର ପାରସ୍ୟ ଉପସାଗରର ହର୍ମୁଜରେ ଫସି ରହିଛନ୍ତି। ସେଥିମଧ୍ୟରେ ୧୦ ବିଦେଶୀ ପତାକା ଲାଗିଥିବା ଜାହାଜ ରହିଛି। ଭାରତ ସରକାର ନିଶ୍ଚିତ କରିଛନ୍ତି ଯେ, ଜାହାଜ ଗୁଡ଼ିକ ମଧ୍ୟରେ ୧୮ ଭାରତୀୟ ପତାକା ଥିବା ଜାହାଜ ରହିଥିଲା। ତେବେ ଇତି ମଧ୍ୟରେ ୬ଟି ଜାହାଜ ଭାରତରେ ପହଂଚିଛନ୍ତି। ଆଉ ୧୨ଟି ଭାରତୀୟ ଜାହାଜ ଅଟକି ରହିଛନ୍ତି। ଜାହାଜଗୁଡ଼ିକରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି), ଅଶୋଧିତ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ଏଲ୍‌ଏନ୍‌ଜି) ବୋଝେଇ ହୋଇଛି। ଭାରତୀୟ ପତାକା ଜାହାଜ ମଧ୍ୟରୁ ତିନୋଟି ଏଲ୍‌ପିଜି ଟ୍ୟାଙ୍କର, ଗୋଟିଏ ଏଲ୍‌ଏନ୍‌ଜି କ୍ୟାରିଅର୍ ଏବଂ ଚାରିଟି ଅଶୋଧିତ ତୈଳ ଟ୍ୟାଙ୍କର୍ ରହିଛି। ଗୋଟିଏ ଖାଲି ଟ୍ୟାଙ୍କରରେ ଏଲ୍‌ପିଜି ଭର୍ତି କରାଯାଇଛି। ଏହି ଜାହାଜଗୁଡ଼ିକରେ ୪୮୫ଟି ଡଙ୍ଗା ମଧ୍ୟ ଅଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଥିବା ପ୍ରମୁଖ ନୌବାଣିଜ୍ୟ ମାର୍ଗ ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ଜାହାଜଗୁଡ଼ିକ ଲଙ୍ଗର ପକାଇଛନ୍ତି। ଏକ ପ୍ରେସ୍ ବ୍ରିଫିଂରେ ଯୋଗଦେଇ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି ଯେ ଦଶଟି ବିଦେଶୀ ପତାକା ଥିବା ଜାହାଜ ମଧ୍ୟରୁ ତିନୋଟି ଏଲ୍‌ପିଜି, ଚାରିଟି ଅଶୋଧିତ ତୈଳ ଟ୍ୟାଙ୍କର୍ ଏବଂ ତିନୋଟି ଏଲ୍‌ଏନ୍‌ଜି ବାହକ ରହିଛି। ୯୪,୦୦୦ ଟନ୍ ଏଲ୍‌ପିଜି ବୋଝେଇ ଦୁଇଟି ଜାହାଜ ଏପ୍ରିଲ ୧ ସୁଦ୍ଧା ଦେଶରେ ପହଚିଂବ। ଏହି ଜାହାଜଗୁଡ଼ିକ ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ମୋଟ ୫୦୦ ଜାହାଜ ମଧ୍ୟରେ ସାମିଲ ଅଛନ୍ତି।

ପୁରୀରେ ପହଁଚିଲା ଚତୁର୍ଥ ଦଫା ରଥ କାଠ

ପୁରୀ,୩୧/୩(ନି/ପ୍ର): ଗତକାଲି ବିଳମ୍ବିତ ରାତିରେ ପୁରୀ ରଥଖଳାରେ ଚତୁର୍ଥ ଦଫା ରଥ ଆସି ପହଂଚିଛି । ଏହି ରଥ କାଠ ବୌଦ୍ଧ ବନଖଣ୍ଡ ମାଧେପୁର ରେଞ୍ଜରୁ ଧଉରା କାଠ ୧୨ ପୁଟିଆ ୩୭ ଗୋଟି ଏବଂ ୨୦ ଫୁଟିଆ ୧୫ ଗୋଟିକାଠ ଏପରି ମୋଟ ୫୨ ଖଣ୍ଡ କାଠ ଦୁଇଗୋଟି ଟ୍ରକରେ ଆସି ପହଂଚି ଥିବା ଶ୍ରୀମନ୍ଦିର ପ୍ରଶାସନ ଗଣମାଧ୍ୟମ କୁ ସୂଚନା ଦେଇଛି ।

ସୁରଟରେ ଭୟଙ୍କର ଅଗ୍ନିକାଣ୍ଡ : ଶ୍ୱାସରୁଦ୍ଧ ହୋଇ ଗୋଟିଏ ପରିବାରର ୫ ମୃତ

ସୁରଟ,୩୧/୩: ଗୁଜୁରାଟର ସୁରଟ ସ୍ଥିତ ଲିମ୍ବାୟତ ଅଂଚଳରେ ଏକ ହୃଦୟବିଦାରକ ଅଘଟଣ ଘଟିଛି, ଯେଉଁଠାରେ ଏକ ଆବାସିକ ଗୃହରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ଗୋଟିଏ ପରିବାରର ୪ ଜଣ ମହିଳା ଓ ଜଣେ ୪ ବର୍ଷର ଶିଶୁଙ୍କର ମୃତ୍ୟୁ ଘଟିଛି। ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଘର ଭିତରେ ଗଚ୍ଛିତ ଥିବା ବିପୁଳ ପରିମାଣର ଶାଢ଼ି ଓ ପ୍ୟାକେଜିଂ ସାମଗ୍ରୀ ଯୋଗୁଁ ନିଆଁ ଅତି ଶୀଘ୍ର ବ୍ୟାପି ଯାଇଥିଲା। ଅତି ସଂକୀର୍ଣ୍ଣ ସ୍ଥାନରେ ଧୂଆଁ ଅଧିକ ହେବାରୁ ଉଦ୍ଧାର ପାଇବା ପୂର୍ବରୁ ହିଁ ସମସ୍ତଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ କମିଶନର ବଳରାମ ମୀନାଙ୍କ ଅନୁଯାୟୀ, ସର୍ଟ ସର୍କିଟରୁ ସୃଷ୍ଟି ହୋଇଥିବା ସ୍ପାର୍କ ଫୋମ୍ ସଂସ୍ପର୍ଶରେ ଆସିବାରୁ ନିଆଁ କ୍ଷିପ୍ର ଗତିରେ ବ୍ୟାପିଥିଲା। ଫୋମ୍ରେ ଥିବା ରାସାୟନିକ ପଦାର୍ଥ ଯୋଗୁଁ ସମଗ୍ର କୋଠରୀ ଘନ ଧୂଆଁରେ ପରିପୂର୍ଣ୍ଣ ହୋଇଯାଇଥିଲା, ଯାହାଫଳରେ ଉଦ୍ଧାରକାରୀ ଦଳକୁ ଭିତରକୁ ପ୍ରବେଶ କରିବାରେ ପ୍ରବଳ ବାଧା ସୃଷ୍ଟି ହୋଇଥିଲା। ଅଗ୍ନିଶମ ବାହିନୀର ନିରନ୍ତର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇ କୁଲିଂ ଅପରେସନ୍ ସମାପ୍ତ କରାଯାଇଛି।

ସୁସ୍ଥ ହୋଇ ଘରକୁ ଫେରିଲେ ସୋନିଆ

ନୂଆଦିଲ୍ଲୀ,୩୧/୩: ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥାବସ୍ଥାରେ ସୁଧାର ଆସିଛି। ଏବେ ସେ ପୂର୍ବଅପେକ୍ଷା ସୁସ୍ଥ ଅଛନ୍ତି। ବରିଷ୍ଠ ଡାକ୍ତରୀ ଟିମ୍‌ର ଅନୁମୋଦନ ପାଇବା ପରେ ତାଙ୍କୁ ଆଜି ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ରିପୋର୍ଟ ଅନୁଯାୟୀ, ସୋନିଆ ଗାନ୍ଧୀଙ୍କୁ ଜ୍ୱର ହେବାରୁ ମାର୍ଚ୍ଚ ୨୪ ତାରିଖ ରାତିରେ ସର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବଂ ବରିଷ୍ଠ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା କରାଯାଉଥିଲା। ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଏବଂ ଅଧ୍ୟକ୍ଷ ଡକ୍ଟର ଅଜୟ ସ୍ୱରୂପଙ୍କ କହିବାନୁଯାୟୀ ସୋନିଆ ଗାନ୍ଧୀଙ୍କୁ ଶରୀର ସଂକ୍ରମଣ ପାଇଁ ଆଣ୍ଟିବାୟୋଟିକ୍ ଦିଆଯାଇଥିଲା। ଡକ୍ଟର ଡି.ଏସ୍. ରାଣା, ଡକ୍ଟର ଏସ୍. ନନ୍ଦୀ ଏବଂ ଡକ୍ଟର ଅରୂପ ବସୁଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଥିଲା।

୫୭ ହଜାର ମାର୍କିନ ସୈନ୍ୟ ମୁତୟନ

ୱାସିଂଟନ,୩୧/୩: ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଭୟଙ୍କର ମୋଡ଼ରେ ପହଂଚିଛି। ଆମେରିକା ପଶ୍ଚିମ ଏସିଆରେ ୫୭,୦୦୦ ସୈନ୍ୟ ଠୁଳ କରିବା ପରେ ସ୍ଥଳଯୁଦ୍ଧ ନିଶ୍ଚିତ ବୋଲି କୁହାଯାଉଛି। ପାରସ୍ୟ ଉପସାଗରରେ ଥିବା କ୍ଷୁଦ୍ର ତଥା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ବର୍ତ୍ତମାନ ଇରାନ ଓ ଆମେରିକା ଯୁଦ୍ଧର ମୁଖ୍ୟଲକ୍ଷ୍ୟ ପାଲଟିଛି। ଏହିଦ୍ୱୀପରୁ ଇରାନ ବିପୁଳ ତୈଳ ପାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାର୍ଗଦ୍ୱୀପ ଓ ଇରାନ ତୈଳ ଭଣ୍ଡାରକୁ ନିଜ ଅଧୀନକୁ ନେବାକୁ ପ୍ରୟାସ ଚଳାଇଛନ୍ତି। ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଟ୍ରମ୍ପ ଏହି ଦ୍ୱୀପକୁ କବ୍ଜାକୁ ନେବାକୁ ସଙ୍କେତ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଯଦି ଇରାନ ଆମେରିକା ସହିତ କୌଣସି ଚୁକ୍ତି ନ କରେ ଓ ହର୍ମୁଜ ପ୍ରଣାଳୀ ନ ଖୋଲେ ତେବେ ଆମେରିକା ସୈନ୍ୟ ଲଗାଇ ଇରାନର ଶକ୍ତି ଉତ୍ସକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ। ୨୦୦୩ ମସିହା ପରଠାରୁ ଆମେରିକା ପଶ୍ଚିମ ଏସିଆରେ ସବୁଠୁ ଅଧିକ ସୈନ୍ୟ ମୁତୟନ କରିଛି। ଆମେରିକାର ୩,୫୦୦ ନୌସୈନିକ ସହିତ ୮୨ ଏୟାରବୋର୍ନ ପାରାଟ୍ରୁପର ଆସି ପହଚିଂବା ପରେ ଯୁଦ୍ଧ ଅଧିକ ଭୟଙ୍କର ହେବ ବୋଲି କୁହାଯାଉଛି। ଇରାନ ମଧ୍ୟ ଏହାର ଜବାବ ଦେବାକୁ ପ୍ରସ୍ତୁତ ଥିବା କହିଛି। ଆମେରିକା ଏତେ ବଡ଼ ସେନା ମୁତୟନ କରିବା ପରେ ପେଟାଂଗନ ଆହୁରି ୧୦,୦୦୦ ସ୍ଥଳସୈନ୍ୟ ଆଣିବାକୁ ଯୋଜନା କରୁଛି। ସାଧାରଣତଃ ପଶ୍ଚିମ ଏସିଆରେ ଆମେରିକାର ୪୦,୦୦୦ ସୈନ୍ୟ ବିଭିନ୍ନ ସ୍ଥାନରେ ମୁତୟନ ହୋଇଥାନ୍ତି। ବର୍ତ୍ତମାନ କତରରେ ଆମେରିକାର ୧୧,୦୦୦ ଟ୍ରୁପର ଥିବାବେଳେ ୟୁଏଇରେ ୫୦୦୦ ଏୟାରମେନ୍, ବାହାରିନରେ ୭୦୦୦ ନାବିକ, ଓମାନରେ ୭୦୦୦ ନୌସୈନିକ, କୁଏତରେ ୧୪,୦୦୦ ସେ ?ନ୍ୟ, ଜୋର୍ଡାନରେ ୩,୦୦୦, ସାଉଦି ଆରବରେ ୩,୦୦୦ ଓ ଇରାକ/ସିରିୟାରେ ୩,୪୦୦ ସୈନ୍ୟ ଅଛନ୍ତି। ତେବେ ଇରାକ ଓ ଆଫଗାନିସ୍ତାନ ଯୁଦ୍ଧକୁ ମନେ ପକାଇ ସମାଲୋଚକମାନେ ଆମେରିକାର ପ୍ରସ୍ତୁତିକୁ ନେଇ ଖରାପ ସଙ୍କେତ ଦେଇଛନ୍ତି।

ଅନୁପ୍ରବେଶ କେବଳ ଏକ ନିର୍ବାଚନ ପ୍ରସଙ୍ଗ ନୁହେଁ : ମୋଦୀ

ଗୁଆହାଟୀ,୩୧/୩: ଅନୁପ୍ରବେଶକାରୀଙ୍କୁ ଜମି ଅକ୍ତିଆର କରିବାକୁ କଂଗ୍ରେସ ଅନୁମତି ଦେଉଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର କହିଛନ୍ତି ଯେ, ଆସାମରେ ଅନୁପ୍ରବେଶ କେବଳ ଏକ ନିର୍ବାଚନ ପ୍ରସଙ୍ଗ ନୁହେଁ ବରଂ ରାଜ୍ୟର ପରିଚୟ ଓ ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସ ଅନୁପ୍ରବେଶକାରୀଙ୍କ ଦ୍ୱାରା ବେଆଇନ ଜମି ଦଖଲକୁ ଅନୁମତି ଦେଇଛି। ଯେଉଁଠାରେ ବି ଅନୁପ୍ରବେଶକାରୀ ରହୁଛନ୍ତି ସେମାନେ କ୍ଷୁଦ୍ର ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ଜୀବିକାକୁ ହଡ଼ପ କରିନେଉଛନ୍ତି। ଏପ୍ରିଲ ୯ ତାରିଖରେ ଆସାମ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ରାଜ୍ୟରେ ବିଜେପି ବୁଥ୍-ସ୍ତରୀୟ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇ ମୋଦୀ କହିଛନ୍ତି, ରାଜ୍ୟରେ ଦୀର୍ଘ ସମୟ ଧରି ଅସ୍ଥିରତା ଜାରି ରହିଥିଲା କିନ୍ତୁ ଗତ ୨ ଦଶନ୍ଧି ମଧ୍ୟରେ ପରିସ୍ଥିତି ବଦଳି ଯାଇଛି। କାରଣ ବିଜେପିର ଡବଲ ଇଞ୍ଜିନ ସରକାର ରାଜ୍ୟରେ ଶାନ୍ତି ସୁନିଶ୍ଚିତ କରିବା ପାଇଁ ସବୁ ଉଦ୍ୟମ କରିଛନ୍ତି। ମୋଦୀ କହିଛନ୍ତି, ଆସାମରେ ପୂର୍ବ କଂଗ୍ରେସ ସରକାରର ଅପକୀର୍ତି ସଂକ୍ରାନ୍ତରେ ପ୍ରଥମ ଥର ଭୋଟରଙ୍କୁ ମନେ ପକାଇ ଦେବାର ଆବଶ୍ୟକତା ରହିଛି। ସେମାନଙ୍କର ଛୋଟିଆ ଭୁଲ୍ ବି ରାଜ୍ୟକୁ ପଛକୁ ଠେଲି ଦେଇପାରେ ବୋଲି ମୋଦୀ ଚେତାବନୀ ଦେଇଛନ୍ତି। ରାଜ୍ୟରେ ତୃତୀୟ ଥର ବିଜୟ ପାଇଁ ବିଜେପି ସଦସ୍ୟମାନେ ଜୋରଦାର ପରିଶ୍ରମ କରୁଥିବା ବେଳେ ସେ ଏହା କହିଛନ୍ତି। ତେବେ ରାଜ୍ୟରେ ବେଆଇନ ଜମି ଜବରଦଖଲ ଓ ଲୋକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଜେପି କର୍ମୀମାନେ ଅବଗତ ହେବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ମୋଦୀ କହିଛନ୍ତି।

ବିଜେପିରେ ସାମିଲ ହେଲେ ପୂର୍ବତନ ଟେନିସ୍ ଖେଳାଳି ଲିଆଣ୍ଡର ପେସ୍

ନୂଆଦିଲ୍ଲୀ,୩୧/୩: ରାଜନୈତିକ ମହଲରୁ ଏବେ ବଡ଼ ଖବର ସାମ୍ନାକୁ ଆସୁଛି । ପ୍ରସିଦ୍ଧ ପୂର୍ବତନ ଟେନିସ୍ ଖେଳାଳି ଲିଆଣ୍ଡର ପେସ୍ ବିଜେପିରେ ଯୋଗ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ଏବଂ ସୁକାନ୍ତ ମଜୁମଦାରଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ନୀତିନ ନବୀନଙ୍କୁ ଭେଟିଥିଲେ । ଏହି ସାକ୍ଷାତ ସମୟରେ ସୌମିକ ଭଟ୍ଟାଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ।୧୯୯୬ରେ ଆଟ୍ଲାଂଟିକା ଅଲମ୍ପିକ୍ସରେ ୪୪ ବର୍ଷ ପରେ ଭାରତ ପାଇଁ ଟେନିସରେ ପ୍ରଥମ ପଦକ ଜିତିଥିଲେ । ଐତିହାସିକ ବ୍ରୋଂଜ ପଦକ ଜିତି ଦେଶ ପାଇଁ ଗର୍ବ

ପଶ୍ଚିମବଙ୍ଗ ରାଜନୀତି ପୂର୍ବରୁ ବିଜେପି ଶିବିରରେ ସାମିଲ ହୋଇଛନ୍ତି ପୂର୍ବତନ ଟେନିସ ଖେଳାଳି । ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି ଲିଆଣ୍ଡର ପେସ୍ । ଲିଆଣ୍ଡର ନିକଟରେ ପଶ୍ଚିମବଙ୍ଗ ଗସ୍ତ ସମୟରେ ବିଜେପି ଅଧ୍ୟକ୍ଷ ଓ ଗୌରବ ଆଣିଥିଲେ ।ଲିଆଣ୍ଡର ପେସ ବିଜେପିରେ ଯୋଗ ଦେବାକୁ ନେଇ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଲିଜେଣ୍ଡ ଲିଆଣ୍ଡର ପେସଙ୍କ ପରିଚୟ ଦେବାର କୌଣସି ଆବଶ୍ୟକତା ନାହିଁ। ଲିଆଣ୍ଡର ପେସ୍ ବିଜେପିରେ ଯୋଗଦେବାରୁ ଏହା ଉତ୍ସବ ପାଳନ କରିବାର ଏକ ମୁହୂର୍ତ୍ତ।

ଇସ୍ରାଏଲ-ଇରାନ ବିବାଦ :

ପାକିସ୍ତାନ ଅପେକ୍ଷା ଭାରତ ଏକ ଉତମ ମଧ୍ୟସ୍ଥି ବୋଲି କହିଲା ଇସ୍ରାଏଲ

ଜେରୁଜେଲମ୍,୩୧/୩: ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଇସ୍ରାଏଲ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇ କହିଛି ଯେ, ବର୍ତ୍ତମାନର ସ୍ଥିତିରେ ପାକିସ୍ତାନ ଅପେକ୍ଷା ଭାରତ ଏକ ଅଧିକ ପ୍ରଭାବଶାଳୀ ମଧ୍ୟସ୍ଥିର ଭୂମିକା ଗ୍ରହଣ କରିପାରିବ। ପାକିସ୍ତାନ ନିଜକୁ ଏହି ବିବାଦରେ ପ୍ରାସଙ୍ଗିକ କରିବା ପାଇଁ ଆମେରିକା ଓ ଇରାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଉଦ୍ୟମ କରୁଥିବା ବେଳେ ଇସ୍ରାଏଲୀ ବୈଦେଶିକ ମନ୍ତ୍ରଣାଳୟ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ଭାରତର ବିଶ୍ୱସନୀୟତାକୁ ପ୍ରଶଂସା କରିଛି। ଅନ୍ୟପଟେ, ଇରାନ ମଧ୍ୟ ପାକିସ୍ତାନର ଏହି ମଧ୍ୟସ୍ଥତା ପ୍ରୟାସକୁ ଶକ୍ତ ଧକ୍କା ଦେଇ ଆମେରିକା ସହ କୌଣସି ପ୍ରକାର ସିଧାସଳଖ ଆଲୋଚନାକୁ ସ୍ପଷ୍ଟ ଭାବେ ମନା କରିଦେଇଛି। ଇସ୍ରାଏଲୀ ବୈଦେଶିକ ମନ୍ତ୍ରାଳୟର ସ୍ୱତନ୍ତ୍ର ଦୂତ ଫ୍ଲେଭର ହାସନ-ନାହୁମ ଏକ ସାକ୍ଷାତକାରରେ ପାକିସ୍ତାନର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ନିଜେ ଜିହାଦୀ ଆତଙ୍କବାଦ ସମସ୍ୟାରେ ଜଡ଼ିତ, ତେଣୁ ସେମାନଙ୍କ ମଧ୍ୟସ୍ଥତା ସଫଳ ହେବା ନେଇ ସନ୍ଦେହ ରହିଛି। ଏହାର ବିପରୀତରେ ଭାରତର ପ୍ରଶଂସା କରି ସେ କହିଛନ୍ତି ଯେ, ଭାରତ ସହିତ ଇସ୍ରାଏଲର ସମ୍ପର୍କ ଅତ୍ୟନ୍ତ ନିବିଡ଼ ଏବଂ ସମଗ୍ର ବିଶ୍ୱରେ ଭାରତର ସମସ୍ତ ପକ୍ଷଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ଏହି କାରଣରୁ ଭାରତ ଏକ ଭଲ ମଧ୍ୟସ୍ଥି ହୋଇପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ, ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଡାର ସାଉଦି ଆରବ, ଇଜିପ୍ଟ ଓ ତୁର୍କୀ ସହ ଆଲୋଚନା କରି ଆମେରିକା-ଇରାନ ମଧ୍ୟରେ ସେତୁ ସାଜିବାକୁ ପ୍ରୟାସ କରୁଥିବା ବେଳେ ଇରାନ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଛି।

ନାଳନ୍ଦାର ଶୀତଳା ମାତା ମନ୍ଦିରରେ ଭୟଙ୍କର ଦଳାଚକଟା

୮ ମହିଳା ଶ୍ରଦ୍ଧାଳୁ ମୃତ, ୧୨ରୁ ଅଧିକ ଆହତ

ନାଳନ୍ଦା,୩୧/୩: ବିହାରର ନାଳନ୍ଦା ଜିଲ୍ଲା ଦୀପନଗର ଥାନା ଅନ୍ତର୍ଗତ ମାଘରା ଗ୍ରାମରେ ଥିବା ପ୍ରସିଦ୍ଧ ଶୀତଳା ମାତା ମନ୍ଦିରରେ ଚୈତ୍ର ମାସର ଶେଷ ମଙ୍ଗଳବାର ଅବସରରେ ଭୟଙ୍କର ଦଳାଚକଟା ଘଟି ୮ ଜଣ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଚୈତ୍ର ଅଷ୍ଟମୀ ଯୋଗୁଁ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଅସମ୍ଭାଳ ଭିଡ଼ ଜମିଥିବା ବେଳେ ବାରିକେଡ୍ ଭାଙ୍ଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ମନ୍ଦିର ପରିସରକୁ ଖାଲି କରାଯିବା ସହ ମେଳାକୁ ବନ୍ଦ କରିଦିଆଯାଇଛି ଏବଂ ଆହତମାନଙ୍କୁ ସଦର ଡାକ୍ତରଖାନା ଓ ମଡେଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଶ୍ରଦ୍ଧାଳୁମାନେ ଧାଡ଼ିରେ ନରହି ଆଗକୁ ଯିବା ପାଇଁ ପ୍ରତିଯୋଗିତା କରିବା ଫଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ପୁଲିସ ଫୋର୍ସ ମୁତୟନ ଥିବାରୁ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା, ଯାହା ଏହି ଦୁର୍ଘଟଣାର ମୁଖ୍ୟ କାରଣ ସାଜିଛି। ମୃତକଙ୍କ ମଧ୍ୟରୁ ବିହାର ବାସିନ୍ଦା ରୀତା ଦେବୀ (୫୦) ଓ ନୂରସରାଇର ରେଖା ଦେବୀ (୪୫)ଙ୍କୁ ଚିହ୍ନଟ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ପୀଡ଼ିତ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏସଡିପିଓଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଚିଂ ସ୍ଥିତି ଅନୁଧାନ କରୁଛନ୍ତି।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଆନନ୍ଦପୁର ବ୍ଲକ କଟିଂପାଳସ୍ଥିତ ମହାପାତ୍ରସାହିରେ ଜଂଗଲ ନିଆଁ ରୋକିବା ପାଇଁ ସଚେତନତା

ସହୀଦ ଲକ୍ଷ୍ମଣ ନାୟକ ସ୍ମୃତିସଭା

ଜୟପୁର,୩୧/୩: ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ସହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ସଭା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ସହୀଦ ଭଗତ ସିଂଙ୍କ ଫାଶୀ ଦିବସ ମାର୍ଚ୍ଚ ତେଇଶି ରୁ କୋରାପୁଟ ଜିଲ୍ଲା ର ମହାନ ଆଦିବାସୀ ନେତା ସହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ମାର୍ଚ୍ଚ ଅନତିରିଶ ସପ୍ତାହେ ବ୍ୟାପି କାର୍ଯ୍ୟକ୍ରମ ନିଆଯାଇ ଥିଲା। ଜମି ଜଳ ଜଙ୍ଗଲ ଏବଂ ଜୀବିକା ଅଧିକାର ପାଇଁ ଆଗକୁ ଲଢ଼ିବା ପାଇଁ କମ୍ୟୁନିଷ୍ଟ କର୍ମୀ ମାନେ ସଂକଳ୍ପ ବଦ୍ଧ ଏବଂ ସବୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ ଜାରି ରହିବ ବୋଲି ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମିହାନ୍ତ ପ୍ରକାଶ କରିଛନ୍ତି।

ସ୍ତ୍ରୀକୁ ପିଟି ପିଟି ମାରିଦେଲା ସ୍ୱାମୀ

ଦେବଗଡ,୩୧।୩ (ନି/ପ୍ର): ସାମାନ୍ୟ ଗଣ୍ଡଗୋଳକୁ ନେଇ ସ୍ତ୍ରୀକୁ ପିଟି ପଟି ମାରିଦେଲା ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି ଦେବଗଡ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ବଂପରଡା ଗ୍ରାମରେ।। ବଂପରଡା ଗ୍ରାମରେ ଥିବା ଆଇଆରବି ବାଟାଲିୟନ ପଛକଡରେ ଜମିମାଳରେ ରକ୍ତାକ୍ତ ଅବସ୍ଥାରେ ମହିଳାଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ଅନୁଗୁଳ ଜିଲ୍ଲା ପାଲଲହଡା ଅଚଂଳର ମଞ୍ଜୁ ବେହେରା ଅନୁଗୁଳ ଜିଲ୍ଲା ପାଲଲହଡା ଅଚଂଳର ମଞ୍ଜୁ ବେହେରା ବଂପରଡା ଗ୍ରାମରେ ତାଙ୍କ ସ୍ୱାମୀଙ୍କ ସହ ମିଶି ରହୁଥିଲେ। କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ସ୍ୱାମୀ ଅଜିତ ଦେହୁରୀ ତାଙ୍କୁ ପିଟିପିଟି ମାରିଦେଇଥିବା ସେମାନଙ୍କ ଝିଅ ସାବିତ୍ରୀ ଦେହୁରୀ ଅଭିଯୋଗ କରିଛନ୍ତି। ।ବଂପରଡା ଗ୍ରାମରେ ଥିବା ଆଇଆରବି ବାଟାଲିୟନ ପଛକଡରେ ଜମିମାଳରେ ରକ୍ତାକ୍ତ ଅବସ୍ଥାରେ ମହିଳାଙ୍କ ମୃତଦେହ ପଡିଥିବା ବେଳେ ସ୍ଥାନୀୟ ଲୋକ ଦେଖି ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ବାରକୋଟ ଥାନା ପୋଲିସ ଘଟଣାସ୍ଥଳ ରେ ପହଚିଂ ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ କରୁଛନ୍ତି।

ଟ୍ରାକ୍ଟରରେ ବୁହାହେଲେ ପ୍ରସୂତି

କେନ୍ଦୁଝର,୩୧/୩(ନି/ପ୍ର): ଗର୍ଭ ଯନ୍ତ୍ରଣାରୁ ବଳି ଗଲା ଜନନୀ ସୁରକ୍ଷା ଯନ୍ତ୍ରଣା। ଗାଁକୁ ଆମ୍ବୁଲାନ୍ସ ନ ଯିବାରୁ ଟ୍ରାକ୍ଟରରେ ବୁହାହେଲେ ପ୍ରସୂତି। ଦୀର୍ଘ ୨ କିମି ପରେ ଆମ୍ବୁଲାନ୍ସରେ ଗଲେ ଡାକ୍ତରଖାନା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କରମଙ୍ଗି ପଚାଂୟତ ଅଲୁଣି ଗ୍ରାମର ହଳଦୀପାଣି ସାହିରେ। ଆଜି ସକାଳେ ଗ୍ରାମର ରୁବି ମୁର୍ମୁଙ୍କ ସ୍ତ୍ରୀ ସରସ୍ୱତୀ ମାରାଣ୍ଡି(୨୫)ଙ୍କ ପ୍ରଥମ ଗର୍ଭ ଯନ୍ତ୍ରଣା ହେବାରୁ ଆଶା ମାଳତୀ ହାଁସଦା ଆମ୍ବୁଲାନ୍ସକୁ ଡକାଇଥିଲେ। ଆମ୍ବୁଲାନ୍ସ ଆସିଲା ସତ କିନ୍ତୁ ରାସ୍ତା ଅବସ୍ଥା ଦୟନୀୟ ହୋଇଥିବାରୁ ଗାଁକୁ ଯାଇ ପାରିଲା ନାହିଁ। ଫଳରେ ଦୀର୍ଘ ଦୁଇ ଘଟାଂ ପରେ ଏକ ଟ୍ରାକ୍ଟର ଯୋଗେ ଦୁଇ କିମି ଦୂର ନିକଟସ୍ଥ ବାଲିଯୋଡି ଗ୍ରାମ ନିକଟସ୍ଥ ଆମ୍ବୁଲାନ୍ସ ନିକଟକୁ ପ୍ରସୂତିଙ୍କୁ ନିଆଯାଇଥିଲା। ସକାଳ ୯ଟାରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରାଯାଇଥିଲା। ଏଥିରେ ଗାଁଲୋକ ସହଯୋଗ କରିଥିଲେ। ପ୍ରଥମେ ତେଲକୋଇ ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ପ୍ରସୂତିଙ୍କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ଅଲୁଣି ଗ୍ରାମରେ ୪ଟି ସାହି ରହିଛି। ଅଲୁଣି, ବିଜାଖୋଳ, କରଡାବଣି ଓ ହଳଦୀପାଣିର ସମସ୍ତ ଜନସାଧାରଣ ଆଦିବାସୀ ସମ୍ପ୍ରଦାୟ। ହଳଦୀପାଣିରେ ୩୫ ଟି ସାନ୍ତାଳୀ ପରିବାର ରହୁଛନ୍ତି। ସବୁ ଦିନିଆ ରାସ୍ତାଟିଏ ନ ଥିବାରୁ ଲୋକେ ଦୟନୀୟ ଜୀବନ ବିତାଉଛନ୍ତି। ପାଦଚଲା ମାଟି ରାସ୍ତା। ଟିକିଏ ବର୍ଷା ହେଲେ ସାଇକେଲଟିଏ ଚଲାଇବା ମୁସ୍କିଲ। ଚକରେ କାଦୁଅ ଲାଗିଲେ ନାଁ ଆଗକୁ ନାଁ ପଛକୁ ଯିବା ସମ୍ଭବ। ମୁଖ୍ୟ ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲେ ମଧ ସାହି ଗୁଡ଼ିକର ସ୍ଥିତି ଦୟନୀୟ। ଯେଉଁଠି ଖରାଦିନେ ଆମ୍ବୁଲାନ୍ସ ଯାଉନାହିଁ, ସେଠି ବର୍ଷାଦିନ କଥା ନ କହିବା ଭଲ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସମ୍ବିଧାନ ସଚେତନତା ଯାତ୍ରା ଆୟୋଜନ ନେଇ ପ୍ରସ୍ତୁତି

କେନ୍ଦୁଝର,୩୧/୩(ନି/ପ୍ର): ଭୀମ ଆର୍ମି ଭାରତ ଚାଲିଥିବା ନେଇ ଆଜି ଆନନ୍ଦପୁର ବ୍ଲକର ବେଲବାହାଳି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ଅଧକ୍ଷତାରେ ରେ ଆୟୋଜିତ ଏହି ବୈଠକରେ ଭାରତୀୟ ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀକୁ ଏବର୍ଷ ଭବ୍ୟ ଓ ଆଡମ୍ବର ସହ ପାଳନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ବିଶାଳ ବାଇକ ଶୋଭାଯାତ୍ରା ସହ 'ସମ୍ବିଧାନ ସଚେତନତା ଯାତ୍ରା' ଆୟୋଜନ କରାଯିବା ସହ ଆନନ୍ଦପୁର ଉପଖଣ୍ଡ ସ୍ତରରେ ଏକ ବଡ଼ ଜନସମ୍ମିଳନୀ କରିବାକୁ ସମସ୍ତ କାର୍ଯ୍ୟକର୍ତାମାନେ ମତ ପ୍ରକାଶ କରିଥିଲେ। ଏହା ପାଇଁ ଜୋରଦାର ପ୍ରସ୍ତୁତି ବୋଲି ସୂଚିତ କରାଯାଇଛି। ଶୋଭାଯ ଶୋଭାଯାତ୍ରା ସମ ମୟରେ ପରିବେଶ ସୁରକ୍ଷା ଓ ରୋଗୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡିଜେ ସାଉଣ୍ଡ ବ୍ୟବହାର ନକରି ଦେଶୀ ସିଂଘ ବାଜା ଓ ଅଳ୍ପ ଧ୍ୱନିର ବାଦ୍ୟ ବ୍ୟବହାର କରିବାକୁ ବୈଠକରେ ନିଷ୍ପତି ହୋଇଥିଲା।ହାଟଡିହି, ଆନନ୍ଦପୁର ଓ ଘସିପୁରା ଏହି ତିନିଟି ବ୍ଲକରୁ ଶୋଭାଯାତ୍ରା ବାହାରି ଆନନ୍ଦପୁର ଉପଖଣ୍ଡରେ ନଗର ପରିକ୍ରମା କରି ଶାଳପଡା ବାଇପାସ ସୁଡୁସୁଡ଼ିଆ ଆମ୍ବେଦକର ଛକରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତି ପାଖରେ ଶ୍ରଦ୍ଧାଞ୍ଜଳି ଜଣାଇବେ। ପରେ ସେଠାରେ ଏକ ଜନସଭା ଓ ଉଦ୍ବୋଧନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ ରଶ୍ମିରଞ୍ଜନ ଜେନା, ଦୀପକ ମୁଖୀ, ବୁଧନ ସିଂ ହେମ୍ବ୍ରମ, ବାଇଧର ଜେନା, ଶ୍ରୀକାନ୍ତ ମଲ୍ଲିକ, ପପୁନ ହେମ୍ବ୍ରମ, ଲୋକନାଥ ଜେନା, ତାପସ ଜେନା, ନରହରି ଜେନା, ପ୍ରକାଶ ଜେନା, ଶନି ନାହାକ, ଜଗନ୍ନାଥ ଜେନା, ସେକ ମୁଜାରୁଦ୍ଦିନ, ଚନ୍ଦ୍ରକାନ୍ତ ଜେନା, ସୁବ୍ରତ କୁମାର ଜେନା, ନଣ୍ଡା ଜେନା, ଅନାଦି ଜେନା ଓ ଲିପୁନ ଜେନା ସହ ଭୀମ୍ ଆର୍ମିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଘସିପୁରା ବ୍ଲକ ସଭାପତି ରଶ୍ମିରଞ୍ଜନ ଧନ୍ୟବାଦ ଏକତା ମିଶନଙ୍କ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନକୁ ଜଣାଇଥିଲେ।

ବରିଷ୍ଠ ସାମ୍ବାଦିକ ସମ୍ବର୍ଦ୍ଧିତ

କେନ୍ଦୁଝର,୩୧/୩(ନି/ପ୍ର): କେନ୍ଦୁଝର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଓୟୁଜେ ର ଜିଲ୍ଲା ସଭାପତି କ୍ଷେତ୍ରବାସୀ ମହାକୁଡ ଙ୍କୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ସମାରୋହରେ 'ବ୍ରିଲିଆନ୍ସ ଇନ ଜର୍ନାଲୀଜମ ୨୦୨୬' ସମ୍ମାନରେ ରେ ସମ୍ମାନିତ କରିଛନ୍ତି । ଇଣ୍ଡସଭେଲି ଟାଇମସ ପକ୍ଷରୁ ଆୟୋଜିତ ଭାଇବ୍ରାନଟ ଓଡ଼ିଶା କନକ୍ଲେଭ ରେ ବାଚସ୍ପତି ସୁରମାପାଢୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ଅର୍ଥନୀତିବିଷାରଦ ସତ୍ୟବ୍ରତ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ପ୍ରତିଷ୍ଠିତ ବ୍ୟକ୍ତି ଜନସାଧାରଣ ଉପସ୍ଥିତ ଥିଲେ, ଶ୍ରୀ ମହାକୁଡ ଦୀର୍ଘ ଦିନରୁ ସାମ୍ବାଦିକତା କରି ଜିଲ୍ଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ,ଜିଲ୍ଲାର ବହୁ ସାମ୍ବାଦିକ । ସାଧାରଣ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ଜିଲ୍ଲା ଶୀଳ୍ପ କେନ୍ଦ୍ର ତରଫରୁ ପୁରୁମୁଣ୍ଡାରେ ଦିନିକିଆ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୩୧/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଶୀଳ୍ପ କେନ୍ଦ୍ର ତରଫରୁ ଘଟଗାଁ ବ୍ଲକ ଅନ୍ତର୍ଗତ ପୁରୁମୁଣ୍ଡା ଠାରେ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୁରୁମୁଣ୍ଡା, ପଟାବାରୀ ଓ ଅଶନବାହାଳି ଗ୍ରାମରୁ ୬୦ ରୁ ଉର୍ଦ୍ଧ ମହିଳା, ଯୁବକ ଓ ଯୁବତୀ ଅଂଶଗ୍ରହଣ କରି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଘଟଗାଁ ଓ ହରିଚନ୍ଦନପୁର ବ୍ଲକ ର ଆଇ.ପି. ଓ, ସରୋଜ ସନ୍ଧିବିଗ୍ରହ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶୀଳ୍ପ ସମ୍ବନ୍ଧରେ ବିଷଦ ଭାବେ ଆଲୋଚନା କରିଥିଲେ ଏବଂ ସଦର ବ୍ଲକ ଏଚ. ପି. ଓ. ପ୍ରଦୀପ କୁମାର ପଣ୍ଡା ହସ୍ତଶିଳ୍ପ ଓ କୁଟୀର ଶୀଳ୍ପ ପାଇଁ ସରକାରୀ ସହାୟତା ଓ ଉତ୍ପାଦିତ ଦ୍ରବ୍ୟ ଗୁଡିକର ବିପଣନ ବ୍ୟବସ୍ଥା ସମ୍ପର୍କ ରେ ବିକ୍ଷିପ୍ତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏମ. ସି. ପି, ଗୋରେଖ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ ଓ ପୁରୁମୁଣ୍ଡା ପଚାଂୟତ ଜି. ଏସ. ଏମ ଗୀତାଞ୍ଜଳି ମହାନ୍ତି ସହଯୋଗ କରିଥିଲେ।

ୱାର୍ଡେନ ହତ୍ୟା ମାମଲା ; କ୍ରାଇମ୍ ସିନ୍ ରିକ୍ରିଏସନ ପରେ ୨ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବେତନଟୀ,୩୧/୩(ନି/ପ୍ର): ଗତ ୨୦ତାରିଖ ରାତି ପ୍ରାୟ ୧୦ଟା ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଗଡ଼ଦେଉଳିଆ ଛକ ନିକଟସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘରୋଇ ବିଦ୍ୟାଳୟର ଅଧକ୍ଷା ଓ ହଷ୍ଟେଲ ୱାର୍ଡେନଙ୍କୁ ପ୍ରାଣାନ୍ତକ ଆକ୍ରମଣ ମାମଲାରେ ମୟୂରଭଂଜ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ ୨ଭାଇଙ୍କୁ କ୍ରାଇମ୍ ସିନ୍ ରିକ୍ରିଏସନ ପରେ କୋର୍ଟ ଚାଲାଣ କରିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଅଜୟ କୁମାର ବାରିକ ଗଣମାଧମକୁ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟ, ଅଭିଯୁକ୍ତ ୨ଭାଇଙ୍କର ଆକ୍ରମଣରେ ମାନଗୋବିନ୍ଦପୁର ଉପକଣ୍ଠ ଧନାପାଳ ଗ୍ରାମର ୱାର୍ଡେନ ସନ୍ୟାସୀ ଦାସଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଥିବା ବେଳେ ଅଧକ୍ଷା କାଦମ୍ବିନୀ ରାଉତ ଗୁରୁତର ଆହତ ହୋଇ ହୋଇଥିଲେକ୍ଷ ଘଟଣାର ଏକାଧିକ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ ମଧ ଦୀର୍ଘ ୭ଦିନ ପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ ଟେର ପାଇନଥିଲା, ଯାହା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏହି ମାମଲାରେ ଅପରାଧୀମାନେ କୌଣସି ପ୍ରମାଣ ଛାଡି ନଥିବାରୁ ପ୍ରାଥମିକ ତଦନ୍ତରୁ ପୁଲିସ କିଛି ସୁରାକ ପାଇନଥିଲା, ଯେଉଁଥିପାଇଁ ଏସପି ବରୁଣ ଗୁଟୁଂପାଲିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅତିରିକ୍ତ ଏସପି ଅଜୟ ବାରିକ, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ଏସଆଇ ସରୋଜ ବାରିକ, ଚିରଞ୍ଜୀବ ବିଶ୍ୱାଳ ଓ ରଣେନ୍ଦ୍ର ପ୍ରତାପ ସାମଲଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲାକ୍ଷ ସେହି ଟିମ ଦିନରାତି ଏକ କରି ତଦନ୍ତକୁ ବ୍ୟାପକ କରିଦେଇଥିଲା ତେବେ ବିଶେଷ ସୂତ୍ରରୁ ଅପରାଧୀଙ୍କ ସମ୍ବନ୍ଧରେ କିଛି ସୁରାକ ପାଇ ଶୁକ୍ରବାର ବିଳମ୍ବିତ ରାତିରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏସଆଇ ସରୋଜ ଜେନାଙ୍କ ନେତୃତ୍ୱରେ ଏକ ଟିମ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଅଚଂଳରେ ଚଢ଼ାଉ କରି ଆତ୍ମଗୋପନ କରିଥିବା ଘଟଣାର ମୁଖ୍ୟ ଅଭିଯୁକ୍ତ ୨ଭାଇଙ୍କୁ ଉଠାଇ ଆଣିଥିଲାକ୍ଷ ୨ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା କଳମା ଅଚଂଳର ତଥା ସେହି ବିଦ୍ୟାଳୟ ସମ୍ମୁଖ ଘରର ରତିକାନ୍ତ ଜେନାଙ୍କ ପୁଅ ଶୁକଦେବ ଜେନା ଊରଫ ବାପୁନ(୨୧) ଓ ସନ୍ୟାସୀ ଜେନା ଊରଫ ଶନି (୧୯)। ଏହି ୨ଭାଇ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କ ସହିତ ସମ୍ପର୍କରେ ରହି ପ୍ରାୟ ସମୟରେ ହଷ୍ଟେଲ ପରିସରରେ ପଶି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଅଧକ୍ଷା କାଦମ୍ବିନୀ ତାଙ୍କୁ ବାରମ୍ବାର ତାଗିଦ କରିବା ସହିତ ବିଦ୍ୟାଳୟରେ ଅପମାନ ଦେଇଥିଲେକ୍ଷ ଏଥିରେ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ ଏବଂ ଅଧକ୍ଷାଙ୍କୁ ପାନେ ଦେବେ ବୋଲି ସ୍ଥିର କରିଥିଲେକ୍ଷ ପରେ ସ୍କୁଲ ଅନ୍ୟ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ପରେ ସେମାନେ ହଷ୍ଟେଲରେ ରହୁଥିବା ଜଣେ ୯ମ ଶ୍ରେଣୀ ଛାତ୍ର ସହାୟତାରେ ଅଧକ୍ଷାଙ୍କୁ ପିଛା କରି ୨୦ତାରିଖ ରାତିରେ ଆକ୍ରମଣ କରିଥିଲେକ୍ଷ ହେଲେ ଅଧକ୍ଷାଙ୍କୁ ଆକ୍ରମଣ ସମୟରେ ସ୍କୁଲ ୱାର୍ଡେନ ତାଙ୍କୁ ଚିହ୍ନି ଦେବା ଯୋଗୁଁ ସେମାନେ ଭୟଭୀତ ହୋଇଯାଇଥିଲେ କି କାଳେ ସେମାନେ ପୁଲିସ ହାତରେ ଧରା ପଡ଼ିଯିବେ, ଯେଉଁଥିପାଇଁ ସେମାନେ ତାଙ୍କୁ ଜୀବନରୁ ମାରିଦେଇଥିଲେ।

ମହିଳାଙ୍କୁ ଦଳିଦେଲା ହାତୀ, ୨୫ ଦିନରେ ୮ ଜଣଙ୍କ ଜୀବନ ଗଲାଣି



ଢେଙ୍କାନାଳ,୩୧/୩(ନି/ପ୍ର): ଢେଙ୍କାନାଳରେ ତୁଟୁନି ହାତୀ-ମଣିଷ ଲଢ଼େଇ। ହାତୀ ଆକ୍ରମଣରେ ଅକାଳରେ ଯାଉଛି ଜୀବନ। ଗତ ୨୫ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ୮ ଜଣଙ୍କର ଜୀବନ ଯାଇଛି। କେବଳ ଗତ ୫ ଦିନ ମଧ୍ୟରେ ୩ ଜଣଙ୍କର ଜୀବନ ଗଲାଣି। ୧ ତାରିଖରେ କପିଳାସ ରେଞ୍ଜ କୃଷ୍ଣକୁମାରପୁର ଗ୍ରାମର ଶତ୍ରୁଘନ ଗଡ଼ନାୟକ ଗାଁ ପଡ଼ିଆକୁ ଗାଈ ଚରାଇବାକୁ ଯାଇଥିଲେ। ସେଠାରେ ହାତୀ ତାଙ୍କୁ ମାରି ଦେଇଥିଲା। ଏହାର ଦିନକ ପରେ ଇନ୍ଦିପୁର ଟାଙ୍ଗିରିପଡ଼ା ଜଙ୍ଗଲରେ ପୁଣି ଜଣେ ମହିଳାଙ୍କୁ ଦନ୍ତା ଦଳି ଦେଇଥିଲା। ତାଙ୍କ ସହିତ ଯାଇଥିବା ସ୍ୱାମୀ ଓ ଝିଅ ତାଙ୍କର ମୃତ୍ୟୁକୁ ଗଛ ଉପରୁ ଦେଖି ହତବାକ୍ ହୋଇଯାଇଥିଲେ। ଗଛ ଉପରେ ବାପାଝିଅ ରାତିସାରା ରହି ଜୀବନ ବଚାଂଇଥିଲେ। କାମାକ୍ଷାନଗର ରେଞ୍ଜରେ ହାତୀ ଆକ୍ରମଣରେ ଆଉ ଜଣେ ମହିଳାଙ୍କ ଜୀବନ ଯାଇଛି। ସଦର ରେଞ୍ଜ ଇନ୍ଦିପୁରଠାରୁ ୪ କିମି ଦୂର ତାମଣ୍ଡା ରିଜର୍ଭ ଫରେଷ୍ଟ ପାଖରେ ଗୁରୁବାରୀ ପଧାନ, ସ୍ତ୍ରୀ ସୁଷମା ଓ ତାଙ୍କ ୭ ବର୍ଷର ଝିଅ ରୁହନ୍ତି। ସେମାନେ ୨ ତାରିଖ ସନ୍ଧ୍ୟାରେ ଇନ୍ଦିପୁର ବଜାରରୁ ଟାଙ୍ଗିରପଡ଼ା ଜଙ୍ଗଲ ଦେଇ ନିଜ ଘରକୁ ଫେରୁଥିଲେ। ନିକଟରେ ଏକ ଗୋଠଛଡ଼ା ଦନ୍ତା ଫସଲ ଖାଉଥିଲା। ହଠାତ୍ ? ହାତୀଟି ଝପଟି ଆସି ସୁଷମାଙ୍କୁ ଶୁଣ୍ଢରେ ଟାଣିନେଇ ଦଳି ଦେଇଥିଲା। ହାତୀ ସେଠାରୁ ନ ଯିବାରୁ ବାପାଝିଅ ପାଖରେ ଥିବା ଏକ ଗଛ ଉପରେ ରାତିସାରା ରହିଥିଲେ। ସକାଳୁ ହାତୀ ଜଙ୍ଗଲ ଭିତରକୁ

ବେଆଇନ ଇଟାଭାଟି ଚଢାଉ

ଘଟଗାଁ,୩୧/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଅଂଚଳରେ ଦିନକୁ ଦିନ ବେଆଇନରେ ଇଟା ମାଫିଆଙ୍କ ଦ୍ୱାରା ଗଢି ଉଠୁଥିବା ଅଭିଯୋଗ ହୋଇ ଆସୁଥିଲେହେଁ ଘଟଗାଁ ତହସିଲର ନିଯୁକ୍ତି ପ୍ରାପ୍ତ କେତେକ ଅସାଧୁକର୍ମଚାରୀଙ୍କ ମନମୁଖୀ ଓସଲା ସୁତୁରା ଯୋଗୁଁ କୌଣସି ପଦକ୍ଷେପ ନିଆଯାଉନ ଥିବା ଅଭିଯୋଗ ଜିଲ୍ଲା ପ୍ରଶାସନ ପାଇଁ ଇଟାଭାଟି ଉପରେ ଚଢାଉ କରି ଜୋରିମାନା କରାଯିବାକୁ ନିର୍ଦ୍ଦେଶ ପାଇ ଘଟଗାଁ ତହସିଲଦାର ଚାରୁଲତା ସିଂହ ଢେଙ୍କିକୋଟ ବସନ୍ତପୁର ଗଦାଧରପୁର ଘଟଗାଁ ତରା ରଜସ୍ୱସର୍କଲରେ ବେଆଇନ ଭାବେ ଗଢିଉଠିଥିବା ୪୫ ଟି ଇଟାଭାଟି ଚଢାଉ କରି ୪ ଲକ୍ଷ ଟଙ୍କା ଜୋରିମାନାଆଦାୟ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ଟାଇକୋଣ୍ଡୋ ଆସୋସିଏସନ ଅଫ ଭଦ୍ରକର ବାର୍ଷିକ କଲର ବେଲ୍ଟ ପରୀକ୍ଷା ଉଦ୍ୟାପିତ

ଭଦ୍ରକ,୩୧/୩(ନି/ପ୍ର): ଟାଇକୋଣ୍ଡୋ ଆସୋସିଏସନ ଅଫ ଭଦ୍ରକ (ଟା ଆବ)ର ବାର୍ଷିକ କଲର ବେଲ୍ଟ ପରୀକ୍ଷା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ମେଘା କଲ୍ୟାଣ ମଣ୍ଡପ, ଚରମ୍ପା ଠାରେ ଅନୁଷ୍ଠିତ ହୋଇଯାଇଛି। ତାଓର ସଭାପତି ରବିନାରାୟଣ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପରୀକ୍ଷାରେ ଚରମ୍ପା ପ୍ରଶିକ୍ଷଣ ଶିବିର, ବାଇପାସ ପ୍ରଶିକ୍ଷଣ ଶିବିର, କଦମ ବେଡା, ବନ୍ତ ଛକ, ତିହିଡି, ଚାନ୍ଦବାଲି, ଦୋଳସାହି ପ୍ରଶିକ୍ଷଣ ଶିବିର ତଥା କାର୍ମେଲ, ଜ୍ୟୋତି କନଭେଂଟ, ସେଂଟ ଜାଭିୟର, ହାପିହୋମ ସ୍କୁଲର ୨୦୦ ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥି ମଧ୍ୟରୁ ୧୭୧ଜଣ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଟାଇକୋଣ୍ଡୋ ଏକାଡେମୀ ଅଫ ଇଣ୍ଡିଆ, ଲକ୍ଷ୍ନୋ ତରଫରୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସକାଳୁ ଆରମ୍ଭ ହୋଇ ଅପରାହ୍ନରେ ଉଦଯାପିତ ହୋଇ ଥିଲା। ଓଡିଶା ଟାଇକୋଣ୍ଡୋ ଆସୋସିଏସନର ରାଜ୍ୟ ସମ୍ପାଦକ ତଥା ବ୍ଲାକ ବେଲ୍ଟ ଫାଇବ ଡାନ, ଇଂଟରନେସନା ଲ ମାଷ୍ଟର ରବିନାରାୟଣ ପାଣିଗ୍ରାହୀ ଟ୍ରେନିଂ ପରିଚାଳନା କରିଥିଲେ। ତାରିଣୀ ସାହୁ, ଧନେଶ୍ୱର ଜେନା, ହରିହର ବାରିକ, ନୟାଗଡ ଟାଇକୋଣ୍ଡୋ ଆସୋସିଏସନ ସମ୍ପାଦକ ରୀତିକ ମହାପାତ୍ର, ଢେଙ୍କାନାଳ ଟାଇକୋଣ୍ଡୋ ଆସୋସିଏସନର ସମ୍ପାଦକ ସୁଧାକର ଜେନା, ବାଲେଶ୍ୱର କୋଚ ପଦ୍ମଲୋଚନ ସିଂ ଟ୍ରେନିଂ ପରିଚାଳନା ରେ ସହଯୋଗ କରିଥିଲେ। ଏଥିରେ ଏଣ୍ଡୁରାନ୍ସ, ଇଳାଷ୍ଟିସିଟି, ଏକ୍ସରସାଇଜ, ଖେରୋଗୀ, ପୁମସେ ଟ୍ରେନିଂ ପ୍ରଦାନ କରାଯାଇ ଥିଲ ଏବଂ ଭଦ୍ରକ ଜିଲ୍ଲା ରେ ପାଂଚ ଜଣ ଶ୍ରେୟା ପଣ୍ଡା, ଉପମନ୍ୟୁ ନାୟକ, ପ୍ରହ୍ଲା ଦ ଦାଶ, ସତ୍ୟ ସୁନ୍ଦର ପାଣିଗ୍ରାହୀ, ରୁଦ୍ରାଂଶୁ ଭୋଇଙ୍କୁ ଶ୍ରୀ ପାଣିଗ୍ରାହୀ ଦକ୍ଷିଣ କୋରିଆରୁ ଆସିଥିବା ବ୍ଲାକ ବେଲ୍ଟର ପ୍ରଥମ ଡାନ ପ୍ରଦାନ କରିଥିଲେ। ପରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅତିଥି ଅଧିବକ୍ତା ଜତିକାନ୍ତ ନାୟକ, ଅଧିବକ୍ତା ତଥା ଟାଇକୋଣ୍ଡିଆନ ପବନ ଶର୍ମା,ଲିୟନସ କ୍ଲବର ଗଭର୍ଣ୍ଣର ଅଶୋକ ମହାନ୍ତି, ଡ଼ ନିଶାନ୍ତ କୁମାର ଦାଶ, ସମାଜସେବୀ ସୀତାକାନ୍ତ ଦାସ, ଇଂ ପ୍ରୟାସକାନ୍ତି ଦାସ, ଇଂ ଅନୁପମ ଜେନା, ଜ୍ୟୋତି କନଭେଂଟ ସ୍କୁଲର ଅଧକ୍ଷ ଫାଦର ଆଲେକ୍ସ, ସବୁଜ କ୍ଲବ ର ସମ୍ପାଦକ ଅଜୟ କୁମାର ଧଳ, ସମାଜସେବୀ ବିଦ୍ୟାଧର ବାରିକ, ବିଶିଷ୍ଟ ବ୍ୟବସାୟୀ ବିଜୟ କୁମାର ଲଖାନୀ, ହରିହର ବେହେରା, ତାଓର ଉପସଭାପତି ରମେଶ କୁମାର ପ୍ରଧାନ,ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ରଙ୍ଗୀନ ବେଲ୍ଟ ସହ ମାନପତ୍ର ପ୍ରଦାନ କରାଯଇଥିଲା ! ଅଧ୍ୟାପିକା ସଂଘମିତ୍ରା ଦାଶ,ଯୋଗଗୁରୁ ସୁରେଶ କୁମାର ନାୟକ ମଂଚ ପରିଚାଳନା ରେ ସହଯୋଗ କରିଥିବା ବେଳେ ତାଆବ ର ସମ୍ପାଦକ ଧନେଶ୍ୱର ଜେନା ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

ସୁଭଦ୍ରା ଶକ୍ତିମେଳାରେ କୃଷି ଯନ୍ତ୍ରପାତି ପ୍ରଦର୍ଶନ

କେନ୍ଦ୍ରାପଡ଼ା,୩୧/୩(ନି/ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲୁଥିବା ସୁଭଦ୍ରା ଶକ୍ତିମେଳାରେ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ କୃଷି ଯନ୍ତ୍ରପାତି ମେଳା ୨୦୨୫-୨୬ ପ୍ରଦର୍ଶନ କରାଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍. ଆର୍.ଆଇ.ଆର୍.ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୫ଦିନ ଧରି ଚାଲୁଥିବା ଏହି କୃଷି ଯନ୍ତ୍ରପାତି ମେଳାକୁ ଜିଲ୍ଲାର ୯ଟି ବ୍ଲକରୁ ଆସୁଥିବା ହଜାର ହଜାର ଚାଷୀମାନେ ଏହି ଯନ୍ତ୍ରପାତିକୁ ଦେଖିବା ସହିତ ଚାଷୀମାନଙ୍କର ବିଭିନ୍ନ ଯୋଜନା ବିଷୟରେ ଅବଗତ ହୋଇଛନ୍ତି। ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କୁ ରାଜ୍ୟ ଓ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କୃଷି ଯନ୍ତ୍ରପାତି ମେଳାକୁ ଶନିବାର ଉଦ୍‌ଯାପିତ ହୋଇଥିବା ଜଣାପଡ଼ିଛି। ଏଥିସହିତ କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ସଙ୍ଗୀତ ଓ ହାସ୍ୟର ରଙ୍ଗରେ ରଙ୍ଗିନ ହୋଇଯାଇଥିଲା। ପ୍ରସିଦ୍ଧ ଗାୟକ ସତ୍ୟଜିତ ଜେନାଙ୍କ ସୁମଧୁର ସଙ୍ଗୀତ ପ୍ରଦର୍ଶନ ସହ କମେଡି ସର୍କସ ଟିମ୍‌ର ଦମଦାର ହାସ୍ୟ ଉପସ୍ଥାପନା ଦର୍ଶକମାନଙ୍କୁ ମତୁଆଲ କରିଥିଲା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ଡ଼. କଳ୍ପନା ମଲ୍ଲିକ ଯୋଗ ଦେଇଥିଲେ। ସେ ମହିଳା ସଶକ୍ତିକରଣର ଆବଶ୍ୟକତା ଉପରେ ଜୋର୍ ଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆତ୍ମ ନିର୍ଭରତାକୁ ପ୍ରଶଂସା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁଷମା ମହାନ୍ତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ଉପସ୍ଥିତ ଥିଲେ। ଏହାସହିତ "ଲକ୍ଷପତି ଦିଦି" ପ୍ରୟାସ ଅଧିନରେ ମାର୍ଶାଘାଇ ବ୍ଲକର ମହାବୀର ଉତ୍ପାଦକ ଗୋଷ୍ଠୀର ସୁଜାତା ଦାସ(ଆଚାର ପ୍ରସ୍ତୁତି) ଓ ମହାକାଳପଡ଼ା ବ୍ଲକର ମହିମା ଅଲେଖ ସ୍ୱୟଂ ସହାୟକ ଗୋଷ୍ଠୀର ଶ୍ରେୟା ପାଣି(ସିଲାଇ ୟୁନିଟ୍) ତାଙ୍କ ସଫଳତା କାହାଣୀ ଉପସ୍ଥାପନ କରିଥିଲେ, ଯାହା ଅନ୍ୟାନ୍ୟ ମହିଳାଙ୍କୁ ପ୍ରେରିତ କରିଥିଲା। ମେଳାରେ ଦର୍ଶକମାନଙ୍କର ବିପୁଳ ଭିଡ଼ ଦେଖାଯାଇଥିଲା ଏବଂ ସମଗ୍ର ପରିବେଶ ଉତ୍ସବ ମୁଖର ହୋଇଯାଇଥିଲା।

ବୈଚିତ୍ର୍ୟ

ଆଜିର ରାଶିଫଳ

ମେଷ: ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ପର୍କ ମଜବୁତ ହେବ।

ବୃଷ: ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

ମିଥୁନ: ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

କର୍କଟ: ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

ସିଂହ: ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ପର୍କରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

କନ୍ୟା: ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

ତୁଳା: କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

ବିଛା: ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତେଲିଆ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

ଧନୁ: ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜବୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

ମକର: ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

କୁମ୍ଭ: ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିଅର ପାଇଁ ନୂଆ ଯୋଜନା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

ମୀନ: ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୭୭୪- ଭାରତରେ ଡାକସେବା ଆରମ୍ଭ।
- ୧୮୮୯- ଫ୍ରାନ୍ସରେ ଏଫିଲ୍ ଟାୱାରକୁ ବିଧିବଦ୍ଧ ଭାବେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷ ଥର ପାଇଁ ଚାଲିଲା।
- ୧୯୬୬- ସୋଭିଏତ୍ ରୁଷ୍ ପ୍ରଥମ ଚନ୍ଦ୍ରଯାନ ଲୁନା-୧୦ ଲଞ୍ଚ୍ କଲା।
- ୧୯୮୩- କଲମ୍ବିଆରେ ଭୂମିକମ୍ପ ଯୋଗୁଁ ପାଖାପାଖି ୫୦୦୦ ଲୋକଙ୍କ ମୃତ୍ୟୁ।

ବନ୍ଦ ହୋଇନି କାର୍ତ୍ତିକ୍‌ଙ୍କ 'କ୍ୟାପ୍ଟେନ୍ ଇଣ୍ଡିଆ'



ବଲିଉଡ଼ର ଲୋକପ୍ରିୟ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍ ଶେଷ ଥର ପାଇଁ 'ତୁ ମେରି ମୈ ତେରା ମୈ ତେରା ତୁ ମେରି' ଫିଲ୍ମରେ ନଜର ଆସିଥିଲେ। ହେଲେ ଏହା ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏବେ କାର୍ତ୍ତିକ୍ ପାଞ୍ଚ ବର୍ଷ ତଳେ ଘୋଷଣା କରାଯାଇଥିବା ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ' ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ଏହି ଫିଲ୍ମଟିକୁ ବନ୍ଦ କରି ଦିଆଗଲା ବୋଲି ଅନେକ ଦିନରୁ ଖବର ଆସୁଥିଲା। ହେଲେ ଏବେ ଏହି ଫିଲ୍ମଟି ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ବିମାନ ଉପରେ ଆଧାରିତ ଏହି ଫିଲ୍ମର ସୁଟିଂ ଆସନ୍ତା ମେ-ଜୁଲାଇ ମଧ୍ୟରେ ଆରମ୍ଭ ହେବ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ 'ଚକ୍ ଦେ ଇଣ୍ଡିଆ' ଫେମ୍ ଶିମିତ ଅମିନ୍ ଅଛନ୍ତି। କାର୍ତ୍ତିକ୍ ଏବେ ଟି-ସିରିଜ୍‌ର ଏକ ଫିଲ୍ମର ସୁଟିଂ କରୁଛନ୍ତି। ସେହି ଫିଲ୍ମର ସୁଟିଂ ପରେ କାର୍ତ୍ତିକ୍ ଏହି ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ୨୦୨୧ ମସିହାରେ 'କ୍ୟାପ୍ଟେନ୍ ଇଣ୍ଡିଆ'ରୁ କାର୍ତ୍ତିକ୍‌ଙ୍କ ପ୍ରଥମ ଲୁକ୍ ଜାରି କରାଯାଇଥିଲା। ସେତେବେଳେ କାର୍ତ୍ତିକ୍‌ଙ୍କ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା।

ଅଫିସ୍‌ରେ ଗୋଲ୍ଡ ଫିସ୍ ରଖୁଥିଲେ...

ଅନେକ ଲୋକ ଅଫିସ୍ ଡେସ୍କରେ ଠାକୁରଙ୍କ ମୂର୍ତ୍ତି, ଟାନ୍ ବାମ୍ବୁ ଗଛ, ଗୋଲ୍ଡ ଫିସ୍ ଆଦି ରଖିଥାନ୍ତି। କର୍ମଚାରୀଙ୍କୁ ଏହା ମନକୁ ଶାନ୍ତି ଏବଂ ଆନନ୍ଦ ଦେଇଥାଏ ବୋଲି କୁହାଯାଏ। ଅଫିସ୍ ଡେସ୍କରେ ଗୋଲ୍ଡଫିସ୍ ରଖିବା ଅନେକଙ୍କୁ ଆନନ୍ଦ ଦେଉଥିଲେ ବି ଏହା ମାଛ ପାଇଁ କ୍ଷତିକାରକ ହୋଇଥାଏ ବୋଲି ବିଜ୍ଞାନର ବିଶେଷଜ୍ଞମାନେ ମତ ରଖିଛନ୍ତି। ଗୋଲ୍ଡଫିସ୍ ପାଇଁ କମ୍ ମେଣ୍ଟେନାନ୍ସ ଅର୍ଥାତ୍ ସାମାନ୍ୟ ଦେଖାଶୁଣା ଆବଶ୍ୟକ ବୋଲି ଅନେକ ଭାବନ୍ତି। ବାସ୍ତବରେ ଏହା ସମ୍ପୂର୍ଣ୍ଣ ବିପରୀତ। ଡିସିସି ଆନିମଲ ହସ୍ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ଡକ୍ଟର ବିନୋଦ ଶର୍ମା ଏହାକୁ ନେଇ ଚେତାବନୀ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଗୋଲ୍ଡଫିସ୍‌କୁ ଛୋଟ ପାତ୍ର କିମ୍ବା ଛୋଟ ଟ୍ୟାଙ୍କରେ ରଖିବା କ୍ରୂରତା ସଙ୍ଗେ ସମାନ। ଠିକ୍ ଭାବେ ଦେଖାଶୁଣା କରିବା ଦ୍ୱାରା ଏହି ମାଛ ୧୦/୨୦ ବର୍ଷ ଜୀବିତ ରହିପାରେ। ଏହି ମାଛ ପାଣିକୁ ଗୋଳିଆ କରିପକାଏ ଅତଏବ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ନିୟନ୍ତ୍ରିତ ବାତାବରଣର ଆବଶ୍ୟକତା ଥାଏ। ଅଫିସ୍ ଭଳି ସ୍ଥାନରେ ଏହାକୁ ରଖିବା ଖୁବ୍ ସମସ୍ୟାପୂର୍ଣ୍ଣ ହୋଇପାରେ। ଅଫିସ୍‌ରେ ଏପରି ଅନେକ ବିପଦ ରହିଛି ଯାହା ମାଛ ପାଇଁ ଘାତକ ହୋଇପାରେ। ସପ୍ତାହନ୍ତ ତଥା ଛୁଟିଦିନରେ ମାଛ ଦେଖାଶୁଣାରେ ଅଭାବ, ଅଚାନକ ତାପମାତ୍ରାରେ ପରିବର୍ତ୍ତନ, ଶବ୍ଦ, କମ୍ପନ ସହିତ ଅନେକ ବିଘ୍ନକାରୀ ଆଦି କାରଣ ପାଇଁ ମାଛ ଅବସାଦ ଗ୍ରସ୍ତ ହୋଇଥାଏ। ଫଳରେ ଏହାର ଆୟୁଷ କମିଯାଏ। ତେଣୁ ମାଛକୁ ଛୋଟ ପାତ୍ରରେ ରଖିବା କ୍ରୂରତା ସହ ସମାନ। କେବଳ ସେତିକି ନୁହେଁ, ଛୋଟ ବାଉଲ୍ କିମ୍ବା ଟ୍ୟାଙ୍କରେ ଆମୋନିଆ ମାତ୍ରା ବୃଦ୍ଧି ପାଇଥାଏ। ଫଳରେ ଅମ୍ଳଜାନ କମିଯାଏ ଏବଂ ପାଣିର ତାପମାତ୍ରାରେ ନିୟନ୍ତ୍ରଣ ନ ଥାଏ। ସେହିପରି ସ୍ଥାନ କମ୍ ଥିବାରୁ ମାଛ ମଧ୍ୟ ସୁରକ୍ଷିତ ଭାବେ ପହଁରି ପାରେନି। ଫଳରେ ମାଛ କମ୍ ସମୟ ମଧ୍ୟରେ ମରିଯାଏ। ଫ୍ୟାନ୍ସି ଗୋଲ୍ଡଫିସ୍ ପାଇଁ ୨୦ ଗ୍ୟାଲନର ଟ୍ୟାଙ୍କ ଆବଶ୍ୟକ ଥାଏ। ଏହାବ୍ୟତୀତ ୨ରୁ ୩ ଦିନ ମଧ୍ୟରେ ଏହାର ୫୦% ପାଣି ବଦଳାଇବାର ଆବଶ୍ୟକତା ରହିଛି। ତେଣୁ ଅଫିସ୍ ଡେସ୍କ ଏହା ପାଇଁ ଉପଯୁକ୍ତ ସ୍ଥାନ ହୋଇ ନଥାଏ।

ଝଡ଼ୁଛି ଜେନ୍ ଜେଡ୍‌ଙ୍କ କେଶ

ବର୍ତ୍ତମାନ ଜେନ୍ ଜେଡ୍ କେଶ ଝଡ଼ିବା ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ନିକଟରେ ଏକ ରିପୋର୍ଟରୁ ପ୍ରକାଶ ପାଇଛି। ପୂର୍ବରୁ ଏହି ସମସ୍ୟା ୪୦-୫୦ ବର୍ଷ ବୟସ୍କଙ୍କଠାରେ ଦେଖିବାକୁ ମିଳୁଥିଲା। ଏବେ ଏହା କଲେଜ ପଢୁଥିବା ଯୁବପିଢ଼ିଙ୍କୁ ସମସ୍ୟାରେ ପକାଉଛି। ତେବେ କମ୍ ବୟସରେ କେଶ ଝଡ଼ିବା ପଛରେ ଜେନେଟିକ୍ ଅପେକ୍ଷା ଅଧିକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଜଡ଼ିତ ଅଛି। ଜେନ୍ ଜେଡ୍‌ଙ୍କ କେଶ ଝଡ଼ିବାର ସବୁଠୁ ବଡ଼ କାରଣ ହେଉଛି ଚାପ ଓ ଡିଜିଟାଲ ଜୀବନଶୈଳୀ। ଆଜିର ଯୁବପିଢ଼ି ଲଗାତାର ସ୍କ୍ରିନ୍ ସହିତ ଯୋଡ଼ି ହୋଇ ରହୁଛନ୍ତି। ଏହାଦ୍ୱାରା ସେମାନଙ୍କର ନିଦ୍ରା ପ୍ରଭାବିତ ହେଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନ ଶୋଇବା ତଥା ନିଦ ପୂରା ନ ହେବା ଦ୍ୱାରା ଶରୀରରେ କୋର୍ଟିସୋଲ ଭଳି ଷ୍ଟ୍ରେସ୍ ହରମୋନର ସ୍ତର ବଢୁଛି। ଏହା କେଶ ମୂଳିକୁ ଦୁର୍ବଳ କରି ଦେଉଛି। ଏମିତିରେ କେଶ ସମୟ ପୂର୍ବରୁ ହିଁ ଝଡ଼ିବା ଆରମ୍ଭ କରୁଛି। ଏହାର ଦ୍ୱିତୀୟ ସବୁଠୁ ବଡ଼ କାରଣ ହେଉଛି, ଖାଦ୍ୟପାନୀୟରେ ପୋଷକ ତତ୍ତ୍ୱର ଅଭାବ। ଆଜିକାଲିର ଯୁବପିଢ଼ି ଘର ଖାଦ୍ୟ ଖାଇବା ପରିବର୍ତ୍ତେ ଫାଷ୍ଟଫୁଡ୍, କେଫିନ୍, ଚିନି ଯୁକ୍ତ ପାନୀୟ ଉପରେ ଅଧିକ ନିର୍ଭରଶୀଳ। କେଶପରି ମଜବୁତ କେଶ ପାଇଁ ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ଡି'ର ଆବଶ୍ୟକତା ଥାଏ। ଏହାବ୍ୟତୀତ କେଶରେ ଅଧିକ ରସାୟନ ବ୍ୟବହାର କରିବା, ଜେଲ ତଥା ହିଟିଂ ଟୁଲ୍ ବ୍ୟବହାର କଲେ ବି କେଶ ମୂଳ ଦୁର୍ବଳ ହୋଇଥାଏ। ବିଶେଷଜ୍ଞଙ୍କ କହିବା କଥା, ଠିକ୍ ସମୟରୁ ଏହି ଅଭ୍ୟାସରେ ସୁଧାର ଆଣିଲେ ଏହି ସମସ୍ୟାକୁ ଅନେକାଂଶରେ କମ୍ କରାଯାଇପାରିବ। ଏଥିପାଇଁ ଚାପ କମ୍ କରିବା, ୭-୮ ଘଣ୍ଟା ଶୋଇବା, ଖାଦ୍ୟରେ ସବୁଜ ପନିପରିବା, ଫଳ ଏବଂ ପ୍ରୋଟିନ ସାମିଲ କରିବା ଉଚିତ। ଏହାସହ ମୁଣ୍ଡକୁ କୋମଳ ଭାବେ ରକ୍ଷା କରିବା ସହିତ କେଶ ସଫା ରଖିବା ଜରୁରି। ତେବେ ଅଧିକ କେଶ ଝଡ଼ୁଥିଲେ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ।

ପୋଦିନା ଚାଷରୁ ସ୍ୱାବଲମ୍ବୀ

ପୋଦିନାରେ ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଇଥାଏ। ତେଣୁ ଅଧିକାଂଶ ଲୋକ ବାଡ଼ିରେ କିମ୍ବା ଛାତକୁଣ୍ଡରେ ପୋଦିନା ଲଗାଇଥାନ୍ତି। ହେଲେ ମହାରାଷ୍ଟ୍ର, ଅମ୍ବାଜୋଗାଇ ସହରର ବାଲାସାହେବ ଚୋପଣେ ପୋଦିନାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି।

ପୋଦିନା ପତ୍ର ଖାଇବା ଦ୍ୱାରା ହଜମଶକ୍ତି ବୃଦ୍ଧି ହେବା ସହ ଓଜନ ନିୟନ୍ତ୍ରଣରେ ରହିଥାଏ। ପୋଦିନାରେ ଅନେକ ଉପକାରୀ ଗୁଣ ରହିଛି। ବଜାରରେ ପୋଦିନାର ଚାହିଦା ମଧ୍ୟ ଅଧିକ। ତେଣୁ ବାଲାସାହେବ ଜୈବିକ ଉପାୟରେ ପୋଦିନା ଚାଷ କରିବାକୁ ମନ ବଳାଇଥିଲେ।

ତାଙ୍କ ପାଖରେ ମୋଟ୍ ୨୦ ଗୁଣ୍ଠ ଜମି ରହିଛି। ୨୦୨୦ ମସିହାରେ ସେ ମାତ୍ର ୪ ଗୁଣ୍ଠ ତଥା ୪,୦୦୦ ବର୍ଗ ଫୁଟ ଜମିରେ ପୋଦିନା ଚାଷ ଆରମ୍ଭ କରିଥିଲେ। ଏହି ଚାଷରେ ସେ ରାସାୟନିକ ସାର କିମ୍ବା ଖତ ଉପଯୋଗ କରନ୍ତିନି। ଗଛର ଦେଖାଶୁଣା ସହିତ ନିୟମିତ ପାଣି ଦିଅନ୍ତି। ଚାଷ କାମରେ ତାଙ୍କ ଝିଅ ତାଙ୍କୁ ସହଯୋଗ କରନ୍ତି। ତେବେ ଜୈବିକ ପ୍ରଣାଳୀରେ ଚାଷ ଯୋଗୁଁ ପୋଦିନାର ସ୍ୱାଦ ଏବଂ ସୁଗନ୍ଧ ବହୁତ ଭଲ ଥିଲା। ବାଲାସାହେବ ସାପ୍ତାହିକ ବଜାରରେ ପୋଦିନାକୁ ବିକ୍ରି କରନ୍ତି। ଏଥିରୁ ମାସକୁ ତାଙ୍କର ଦଶ ହଜାରରୁ ଅଧିକ ଟଙ୍କା ରୋଜଗାର ହୁଏ। ବାଲାସାହେବ କୁହନ୍ତି, ବର୍ଷ ସାରା ପୋଦିନାର ଚାହିଦା ଥାଏ। ଚା', ବିରିୟାନୀ, ଚୁପଚୁପ, ଚଟଣି, ଜୁସ୍, ବର୍ଗର ଆଦି ବ୍ୟଞ୍ଜନ ସହ ଲୋକେ ଏହାକୁ ଅଧିକ ବ୍ୟବହାର କରନ୍ତି। ତେଣୁ ସେ କମ୍ ଖର୍ଚ୍ଚରେ ଉନ୍ନତ ପ୍ରଣାଳୀରେ ଏହି ଚାଷ କରିଥିଲେ। କରୋନା ସମୟରେ ସେ ପୋଦିନା ଚାଷର ମହତ୍ତ୍ୱ ବୁଝି ଜୈବିକ ଉପାୟରେ ଏହି ଚାଷ କରିଥିଲେ। ମଙ୍ଗଳବାର ଏବଂ ଶୁକ୍ରବାର ସ୍ଥାନୀୟ ଅଞ୍ଚଳରେ ଲାଗୁଥିବା ମେଳାରେ ସେ ପୋଦିନାକୁ ବିକ୍ରି କରିଥାନ୍ତି। କେବଳ ସେତିକି ନୁହେଁ, ବଳକା ଜମିରେ ସେ ସପେଟା, ପିଜୁଳି, ଆମ୍ବ ଏବଂ ଫୁଲଗଛ ଆଦି ଲଗାଇଛନ୍ତି। ଏହି ଚାଷରୁ ଲାଭ ପାଇବା ସହିତ ଅନ୍ୟ ଚାଷୀଙ୍କୁ ଜୈବିକ ଚାଷ କରିବାକୁ ବାଲାସାହେବ ବାର୍ତ୍ତା ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣ

ଆମ୍ବ ଗଛରୁ ଫଳ ଝଡ଼ୁଥିଲେ ...

ଆମ୍ବ ଚାଷ ପାଇଁ ମାର୍ଚ୍ଚ-ଏପ୍ରିଲ ମାସ ବହୁତ ଗୁରୁତ୍ୱ ବହନ କରେ। ଏହି ସମୟରେ ଅଧିକାଂଶ ଗଛରୁ ଫଳ ଝଡ଼ି ଯାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଇମିଡାକ୍ଲୋପ୍ରିଡ ୬ ମିଲିକୁ ୧୫ ଲିଟର ପାଣିରେ ମିଶାଇ ସିଞ୍ଚି ପାରିବେ। ଶୁଖିଲା ପାଗ ଦେଖି ପ୍ଲାନୋଫିକ୍ସ ୨ ମିଲିକୁ ୪ରୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ ଆବଶ୍ୟକ। ଗଛର ଦେଖାରେଖା ସହିତ ସଫା କରିବା ଜରୁରି। ବର୍ତ୍ତମାନ ପାଗରେ ଆମ୍ବ ଖାଇବା ପୋକ ବଂଶ ବିସ୍ତାର କରେ। ପ୍ରାଥମିକ ଅବସ୍ଥାରେ ନିୟନ୍ତ୍ରଣ ପାଇଁ ଆଜାଡିରକ୍ଟିନ ୦.୦୩%କୁ ଏକ ଲିଟର ପାଣିରେ ୫ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରିବା ଆବଶ୍ୟକ। ଯଦି ପୋଛା ପିଛା ୪ରୁ ଅଧିକ ଡାହାଣୀ ପୋକ ଦେଖା ଯାଆନ୍ତି ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା ୧୫ ଲିଟର ପାଣିରେ ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ ୧୭.୮% ଏସଏଲ କିମ୍ବା ୩ ଗ୍ରାମ୍ ଥିଆମିଥୋକ୍ସାମ ୨୫%ଡବ୍ଲୁ ଜି କିମ୍ବା ୧୦ ମିଲି ଡାଇମିଥୋଏଟ ୩୦% ଇସିକୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। ସେହିପରି ଫଳକୁ ନିୟନ୍ତ୍ରଣ କରିବା ନିମନ୍ତେ ଫ୍ରୁଟ ଫ୍ଲାଏ ଟ୍ରାପ୍ ମଧ୍ୟ ବ୍ୟବହାର କରିପାରିବେ।

କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଧାନ ଜମିରେ ହୁଡ଼ା ବାନ୍ଧି ଅତ୍ୟଧିକ ବର୍ଷା ପାଣିକୁ ସଂରକ୍ଷଣ କରି ରଖନ୍ତୁ। ଅମଳ ଉପଯୋଗୀ ପନିପରିବାକୁ ଅମଳ କରି ନିଅନ୍ତୁ।
- ପୋଟଳ ଗଛ ବର୍ତ୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥାରେ ଥିବାରୁ ବର୍ତ୍ତମାନ ଘାସ ବାଛନ୍ତୁନି।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଯନ୍ତ୍ର) କିମ୍ବା ଝାଟା ଟ୍ରାପ୍ ଜମିରେ ଲଗାନ୍ତୁ।
- ବର୍ଷା ପରେ କଖାରୁ ଜାତୀୟ ପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ମିଶାଇ ସିଞ୍ଚନ କରନ୍ତୁ।
- ଆଗକୁ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଗାଈଗୋରୁଙ୍କୁ ନଦୀ, ପୋଖରୀ ଓ କୃଷି ଯନ୍ତ୍ରପାତିଠାରୁ ଦୂରେଇ ରଖନ୍ତୁ।

ଏ ମାସର ଚାଷ

ଭାରତୀୟ କୃଷି କାର୍ଯ୍ୟ ପାଇଁ ଏପ୍ରିଲ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ମାସରେ ଚାଷୀଭାଇ ଅମଳ ହୋଇଥିବା ପନିପରିବାକୁ ସାଇତି ରଖିବା ସହ ଅଦିନିଆ ବର୍ଷାକୁ ଉପଯୋଗ କରି ଖରାଟିଆ ଚାଷ କରିପାରିବେ।

ଡାଳି ଧାନର କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ଲାଲଦିଆ ପଡ଼ିଯାଇଥିଲେ ଜମିରୁ କାଟି ଆଣି ଅମଳ କରନ୍ତୁ। ମୁଗ ଓ ବିରିଜାତୀୟ ଫସଲର ଫୁଲ ଆସିବା ଅବସ୍ଥାରେ ନିଶ୍ଚୟ ଜଳସେଚନ କରନ୍ତୁ।

ରବି ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାକୁ ଆସିଥିଲେ ହାଲୁକା ଜଳସେଚନ କରି ଅମଳ କରନ୍ତୁ। କଳିତା ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଏବଂ ଲଗାଇବା ଶେଷ କରନ୍ତୁ। ଭେଣ୍ଡି, ଲାଉ, କାକୁଡ଼ି, କଲରା, କାଙ୍କଡ଼, ମକା ଲଗାଇବା ପାଇଁ ଭଲ ସମୟ। ଏଥିପାଇଁ ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ଜମିର ସ୍ଥିତି ଦେଖି ଫସଲରେ ଜଳସିଞ୍ଚନ କରିବା ଆବଶ୍ୟକ। ଅଦା ଓ ହଳଦୀ ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଏବଂ ଲଗାଇବା ଆରମ୍ଭ କରନ୍ତୁ। ଶସ୍ୟଜାତୀୟ ଫସଲ, ପନିପରିବା ଫସଲ ପାଇଁ ବିହନ, ସାର, କୀଟନାଶକ ଯୋଗାଡ଼ କରନ୍ତୁ। ଫଳ ଗଛ ପାଇଁ ଗାତ ଖୋଳନ୍ତୁ।

ସୌର ଆଲୋକ ଯନ୍ତ୍ର

ଫସଲରେ ଲାଗୁଥିବା କୀଟ ଓ ରୋଗପୋକ ଫସଲକୁ କ୍ଷତି ପହଞ୍ଚାଇଥାଏ। ଏହା ଦ୍ୱାରା ଉତ୍ପାଦନରେ ହ୍ରାସ ପାଏ। ତେଣୁ ଚାଷୀମାନେ ଫସଲର କୀଟ ନିରାକ୍ଷଣ ଓ ନିୟନ୍ତ୍ରଣ ପାଇଁ ରାସାୟନିକ ଔଷଧ କିମ୍ବା ଆଲୋକଯନ୍ତ୍ର ବ୍ୟବହାର କରନ୍ତି। ତେବେ ବିଭିନ୍ନ ପ୍ରକାର ଆଲୋକ ଯନ୍ତ୍ର ମଧ୍ୟରୁ ସୌର ଆଲୋକ ଯନ୍ତ୍ର ଚାହିଦା ଅଧିକ। କାରଣ ଚାଷୀମାନେ ଦିନସାରା ସୌର ପ୍ୟାନେଲକୁ ସୂର୍ଯ୍ୟକିରଣରେ ଚାର୍ଜ କରି ସନ୍ଧ୍ୟାରେ ଜମିରେ ଏହାକୁ ବସାଇ ପାରିବେ। ସ୍ୱୟଂଚାଳିତ ଟାଇଁ ରୂପେ ବ୍ୟବହାର କରାଯାଉଥିବାରୁ ଏଥିରେ ସେନ୍ସର ଏବଂ ଟାଇମର ସଂଯୋଗ କରାଯାଏ। ସନ୍ଧ୍ୟା ସମୟରେ ଆଲୋକ ଆଡ଼କୁ କୀଟମାନେ ଆକର୍ଷିତ ହୋଇ ଆସନ୍ତି। ନିକଟରେ ଝାଡ଼ଖଣ୍ଡ, ହଜାରୀବାଗ ଜିଲ୍ଲା, ବନାଗେ ଗାଁର ମହିଳା ଚାଷୀ ସୁମିତ୍ରା ଦେବୀ ଚାଷଜମିରେ ୩ ହଜାର ଟଙ୍କା ଖର୍ଚ୍ଚ କରି ସୌର ଆଲୋକ ଯନ୍ତ୍ର ବ୍ୟବହାର କରିଥିଲେ। ସେ କୁହନ୍ତି, ଫସଲରେ ରୋଗ ପୋକ ଲାଗିବା ସାଧାରଣ କଥା। ଏଥିପାଇଁ ଜମିରେ ବାରମ୍ବାର ଔଷଧ ସିଞ୍ଚନ କରିବାକୁ ପଡ଼େ। ଏହାଦ୍ୱାରା ଚାଷୀଙ୍କ ଖର୍ଚ୍ଚ ବଢ଼ିଯାଏ। ଏହା ପରିବେଶକୁ ମଧ୍ୟ କ୍ଷତି ପହଞ୍ଚାଏ। ତେଣୁ ଏହି ସ୍ଥିତିରେ ସୌର ଆଲୋକଯନ୍ତ୍ର ବ୍ୟବହାର କରିପାରିବେ। ଏହା ପରିବେଶ ଅନୁକୂଳ। ସାଧାରଣତଃ ଅଧିକ କୀଟ ରାତିରେ ସକ୍ରିୟ ରହିଥାଏ। ତେଣୁ ଚାଷୀ ଏହି ଉପକରଣକୁ ଚାର୍ଜ କରି ରାତିରେ ଜମିରେ ଲଗାଇ ପାରିବେ। ଏଥିରୁ ଆସୁଥିବା ନୀଳ ଓ ହଳଦିଆ ରଶ୍ମି କୀଟଙ୍କୁ ଆକୃଷ୍ଟ କରେ। ଲାଇଟ୍ ତଳେ ଯନ୍ତ୍ରରେ କୀଟ ପଡ଼ି ନଷ୍ଟ ହୋଇଯାଇଥାନ୍ତି। ତେଣୁ ଏକ ଏକର ଜମିରେ ଦୁଇଟି ସୌର ଆଲୋକ ଯନ୍ତ୍ର ବସାଇ ପାରିବେ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧ ଏପ୍ରିଲ ୨୦୨୬

କାଳା ନୁହଁନ୍ତି ଈଶ୍ୱର

ଈଶ୍ୱରଙ୍କ ବିରୁଦ୍ଧରେ ଅଧିକାଂଶ ମଣିଷଙ୍କର ନାନାଦି ଅଭିଯୋଗ, ଅସନ୍ତୋଷ । ବହୁ ସମୟରେ ମୋ ନିକଟରେ ଅଭିଯୋଗ ହୁଏ ଯେ, ଈଶ୍ୱରଙ୍କ ପାଇଁ ଯାହା ଯାହା କରିବାର କଥା ସେମାନେ ଦୈନନ୍ଦିନ କରୁଛନ୍ତି । ପ୍ରତିଦିନ ପୂଜାପାଠ କରିବା, ବିଷ୍ଣୁ ସହସ୍ର ନାମ ପଢ଼ିବା, ଗାୟତ୍ରୀ ମନ୍ତ୍ର ଜପ କରିବା, ପ୍ରତି ମଙ୍ଗଳବାର-ଶନିବାର ମହାବୀର ମନ୍ଦିରକୁ ଯିବା, ଜଗନ୍ନାଥଙ୍କ ଆଳତି ପ୍ରତ୍ୟହ ବଡିଭୋରରୁ ଯାଇ ଦର୍ଶନ କରିବା, ଫୁଲ ଫଳ ଭୋଗ କରିବା, ଖାଟିଁ ଗୁଆଘିଅରେ ଦୀପ ଦେବା ଇତ୍ୟାଦି ସବୁ କିଛି । ହଁ, ସବୁ କିଛି ଯାହା ସେମାନଙ୍କ ସାମର୍ଥ୍ୟ ଭିତରେ ଅଛି । ତଥାପି, କାହିଁକି ଠାକୁର ତାଙ୍କ ଡାକ ଶୁଣୁନାହାଁନ୍ତି । ତେଣୁ ସ୍ୱାଭାବିକ ଭାବେ ମନରେ ସେମାନଙ୍କର ପ୍ରଶ୍ନ- ସତରେ କ'ଣ ଠାକୁର କାଲା କି ? ଏମିତି ତ ଦେଖିବାକୁ ଗଲେ ଶ୍ରୀଜଗନ୍ନାଥଙ୍କର ବାସ୍ତବରେ ଆଦୌ କାନ ନାହିଁ । କେବଳ ଜଗନ୍ନାଥଙ୍କର କାନ ନାହିଁ, ନା ସବୁ ଠାକୁରଙ୍କ କାନ ଥିଲେ ମଧ୍ୟ ସେମାନେ ପ୍ରତ୍ୟେକ କାଲା ଶ୍ରେଣୀଭୁକ୍ତ ? ତା'ରି ଉତ୍ତର ମୁଁ ଆଜି ଦେଉଛି । ଈଶ୍ୱର ଆଦୌ କାଲା ନୁହଁନ୍ତି । ତୁମ ଇପ୍ସିତ କାମନାର ପରିପୂର୍ତ୍ତି ହୋଇପାରୁନାହିଁର ଅର୍ଥ ନୁହେଁ ଯେ, ଈଶ୍ୱର କାଲା । ତୁମେ ଯାହା ମାଗୁଥିଲ ତାହା ସେ ଦେଇନାହାଁନ୍ତିର ଅର୍ଥ ନୁହେଁ ଯେ, ସେ କାଲା । ଏପରି ଆଦୌ ନୁହେଁ । ପ୍ରଥମ କଥା ହେଲା, ସେ ଶୁଣିଲାଯୋଗ୍ୟ କିଛି କଥା ତୁମେ କୁହନାହିଁ । ତୁମେ ଯାହା କହିଥାଅ ସେସବୁକୁ ଜଣେ ଶୁଣିବ, ସେ ଯୋଗ୍ୟତା ତୁମ କଥାରେ ନଥାଏ । ବାସ୍ତବିକ ତୁମେ କହିଥାଅ କ'ଣ ? ତୁମେ ଯେବେ ତୁମ ତୁଳସୀ ମାଳ ଧରି ହେଉ ଅବା ଆଖି ମୁଦି ରାମ ରାମ ଜପ କରିଥାଅ, ମନ୍ତ୍ର ଜପ କରୁଥାଅବ୍ସ ସେ ଜପିବା ସହ ନା' ରାମଙ୍କର ଅବା ଈଶ୍ୱରଙ୍କର କୌଣସି ସଂପର୍କ ଥାଏ । ସେତିକିବେଳେ ତୁମେ ଭାବୁଥାଅ ଆଉ କିଛି । ଈଶ୍ୱରଙ୍କ ନାମ ତ କେବଳ ଏକ ବାହାନା ମାତ୍ର । କାହାର ଅଦାଲତରେ ମକଦ୍ଦମା ଜିତିବାର ଅଛି । କାହାର ନିର୍ବାଚନରେ ଜିତିବାର ଅଛି । କାହାର ପୁଅ ନାତି ରୋଗରୁ ମୁକ୍ତ ହେବାର ଅଛି । କାହାର ବିପଥଗାମୀ ପୁଅ ଭଲରାସ୍ତାକୁ ଫେରିବାର ଅଛି । କାହାର ଝିଅ ବାହାଘର, ପୁଅର ଚାକିରି, ପତ୍ନୀର ରୋଗ, ଘରତୋଳା, ଚାକିରିରେ ପ୍ରମୋସନ ଇତ୍ୟାଦି ଇତ୍ୟାଦି ହଜାରେ ଏକ ମାଗୁଣି । ସବୁ କିଛି ମାଗିବା । କେବଳ ମାଗିବା । ରାମ ନାମ ଜପୁଛ ସତ, ମନ୍ତ୍ର ଜପୁଛ ସତ । ସବୁ କିଛି ମିଛ, ଠକାମି । ଉଦ୍ଦେଶ୍ୟ ଆଉ କିଛି । କେମିତି ଲଟେରୀ ଟିକେଟ୍ ଉଠିଯାଆନ୍ତା, ଚାକିରି ମିଳିଯାଆନ୍ତା, ପ୍ରେମିକା ମିଳିଯାଆନ୍ତା, ଏଇମିତି କେତେ କ'ଣ ତୁମର ପ୍ରୟୋଜନ । ଏହି ପ୍ରୟୋଜନ ହିଁ ତୁମ ପାଇଁ ବାଧା । ତୁମର ଏ ପ୍ରୟୋଜନ ପାଇଁ ହିଁ ଈଶ୍ୱର ଜାଣିଶୁଣି କାଲାର ଅଭିନୟ କରୁଛନ୍ତି । ପରମାତ୍ମା ଆଦୌ କାଲା ନୁହଁନ୍ତି । ତାଙ୍କ ସାମ୍ନାରେ ଚିଲେଇବାର ଆବଶ୍ୟକତା ନାହିଁ । ଆମ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ତ ଦର୍ଶନାର୍ଥୀ ବଡ଼ ପାଟିରେ ଗଲା ଫଟେଇ ରଡ଼ି ଛାଡ଼ିଥାନ୍ତି 'ଆହେ କାଳିଆର ଭୁଜ', ସତେଯେମିତି ପ୍ରଭୁ ଶ୍ରୀଜଗନ୍ନାଥ କାଲା, କହିବାର କଥା ହେଲା- ତୁମେ ଯଦି ମୌନରେ ବି ତାଙ୍କୁ ସ୍ମରଣ କଲ, ତାହାଲେ ବି ସେ ଶୁଣିନେବେ। ତାଙ୍କ ପାଖରେ ତୁମ କଥା ପହଚିଂଯିବ । କାରଣ ହେଲା- ସେ ମୌନ ପ୍ରାର୍ଥନା ତୁମ ହୃଦୟରୁ ବାହାରିଥାଏ । ତୁମ ହୃଦୟରେ ଯଦି କୌଣସି କଥା ଉଠେ, ତେବେ ତାଙ୍କ ପାଖରେ ଅବଶ୍ୟ ପହଁ ଯାଇଥାଏ । କିନ୍ତୁ ମନେରଖ ତୁମର ମାଗିବା, ପ୍ରାର୍ଥନା ତାଙ୍କ ପାଖରେ ପହଁବାର ଯଦି ଯୋଗ୍ୟତା ରଖିନଥାଏ । ତୁମେ ତୁମ ପ୍ରାର୍ଥନାରେ ଏତେସବୁ ଅଳିଆ ଭର୍ତ୍ତି କରିଦେଇଥାଅ ଯେ, ତୁମ ପ୍ରାର୍ଥନା ପରମାତ୍ମାଙ୍କ ପାଖରେ ପହଁ ପାରେନାହିଁ । ତୁମ ପ୍ରାର୍ଥନା ବୋଝ ହୋଇଯାଏ । ଉଡ଼ିବା ପାଇଁ ବୋଝମୁକ୍ତ ହେବା ଦରକାର । ତୁମେ ଯେବେ କୌଣସି ଉଚ୍ଚ ସ୍ଥାନକୁ ଚଢୁଥାଅ, ପାହାଡ଼ ଉପରେ ଚଢ଼ିଥାଅ, ବୋଝ କମ୍ କରିବାକୁ ପଡ଼ିଥାଏ । ଯେତେ ଉପରକୁ ଉଠିବ, ଶରୀରର ବୋଝ ସେତିକି କମ୍ ହେବା ଦରକାର । ଅବିକଳ ସେଇମିତି, ପ୍ରାର୍ଥନାରେ ଯଦି କିଛି ବାସନା ଥାଏ, ତେବେ ତାହା ବୋଝ ହୋଇଯାଏ । ଯଦି ବାସନା ନାହିଁ ତେବେ ନିର୍ବୋଝ । ନିର୍ବାସନା ପ୍ରାର୍ଥନା ତତ୍କ୍ଷଣାତ୍ ପହଁ ଯାଇଥାଏ । ସାମାନ୍ୟ ଡେରି ହୁଏନାହିଁ । ପ୍ରାର୍ଥନା ସେତିକିବେଳେ ପୂରା ହୋଇଥାଏ, ଯେବେ ତୁମେ ତୁମ ନିଜ ପ୍ରାର୍ଥନା ପ୍ରତି ସଜାଗ ହୋଇ କହିଥାଅ– "ତୁ ମୋ ମାଗିବା ପ୍ରତି ଆଦୌ ଧ୍ୟାନ ଦେବୁନାହିଁ । ମୋ ମାଗିବା ତ ନିଶ୍ଚୟ ଭୁଲ୍ ?ଭାଲ୍ ହୋଇଥିବ, ଯେହେତୁ ମୁଁ ନିଜେ ଜଣେ ଭୁଲ୍ ମଣିଷ । ମୁଁ ଠିକ୍ ମାଗିବି କେମିତି ? ମୋର ଭ୍ରାନ୍ତ ଅଜ୍ଞାନରେ ପୂର୍ଣ୍ଣ ହୃଦୟରୁ ଠିକ୍ ପ୍ରାର୍ଥନା ଆସିବ କେମିତି ? ସେଇଥିପାଇଁ ହେ ପ୍ରଭୁ, ତୁ ସେଇଆ ଦେ, ଯାହା ତୁ ଦେବାକୁ ଚାହୁଁଛୁ, ମୋ ମୂର୍ଖତା ଆଡ଼େ ଧ୍ୟାନ ଦେବୁନାହିଁ" । ଯେମିତି ଛୋଟ ପିଲା ଯାହା ବୋଲି ତାହା ମାଗିଥାଏ, କିନ୍ତୁ ତୁମେ ତା' ମାଗିବା ପ୍ରତି ଆଦୌ ଧ୍ୟାନ ଦେଇନଥାଅ । ଛୋଟ ପିଲାକୁ ଥଣ୍ଡା ହେଉଛି, ଗଳା ଫିଟୁନି, ଅଥଚ ସେ ତୁମକୁ ରାତିରେ ଆଇସ୍କ୍ରିମ୍ ଖାଇବାକୁ ମାଗୁଛି । ସେତେବେଳେ ବାପାମାଆ ପିଲା କଥାକୁ ଧ୍ୟାନ ଦେଇନଥାନ୍ତି । ପିଲାକୁ ଭୁଲେଇବାକୁ ଚେଷ୍ଟା କରିଥାନ୍ତି । ଏଇନେ ଏତେ ରାତିରେ ଆଇସ୍କ୍ରିମ୍ କୁଆଡ଼େ ମିଳିବ । ସକାଳ ହେଉ ଦୋକାନ ଖୋଲୁ ତୋତେ ଆଇସ୍କ୍ରିମ୍ ଆଣି ଦେବି । ନାନାଦି ବାହାନା କରିବାକୁ ପଡ଼ିଥାଏ, କାରଣ ଛୋଟ ପିଲାର ପ୍ରତ୍ୟେକ କଥା– ମୋର ଏଇଟା ଦରକାର, ମୋର ସେଇଟା ଦରକାରକୁ ତ ପୂରଣ କରାଯାଇପାରେନା । ପିଲା ତ ଯାହା ବୋଲି ତାହା ମାଗିପାରେ । ଆସନ୍ନପ୍ରସବା ଗର୍ଭବତୀ ମାଆଟିଏ ତା' ଛୋଟ ପୁଅକୁ ଖୁସିରେ କହିଲା– ଆରେ ତୋର ଆଉ ଏକ ଛୋଟ ଭାଇ ଆସିବ । ତୁ ଏଥରକ ତା' ସହ ଖେଳିବୁ । ଏକଥା ଶୁଣି ଛୋଟ ପୁଅଟିର ମନ ଉଦାସ ହୋଇଗଲା । ତା' ମାକୁ କହିଲା– ମାଆ ମୋର ଭାଇଫାଇ ଦରକାର ନାହିଁ । ମୁଁ ତ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଛି– ହେ ଭଗବାନ, ଏଥରକ ମୋ ପାଇଁ ଛୋଟ ଘୋଡ଼ାଟେ ପଠାଇବୁ । ମୋର ଘୋଡ଼ା ଦରକାର । ଭାଇଫାଇ ନୁହେଁ । ମୋତେ ଲାଗିଲାଣି ତୁ ବୋଧେ ମୋ ପ୍ରାର୍ଥନା ଶୁଣୁନାହୁଁ । କହିବାର କଥା ହେଲା– ପିଲାଙ୍କ ମାଗିବା ହେଲା ପିଲାଳିଆମି ମାଗିବା । ଆଉ ଆମ ପ୍ରତ୍ୟେକଙ୍କର ମାଗିବା ମଧ୍ୟ ପିଲାଙ୍କ ମାଗିବା ଠାରୁ କୌଣସି ଗୁଣରେ ମହତ୍ତ୍ୱପୂର୍ଣ୍ଣ ନୁହେଁ । ଆଉ ପିଲାଙ୍କ ମାଗିବା ତ ନିର୍ଦ୍ଦୋଷ ଅଟେ । କିନ୍ତୁ ଆମ ମାଗିବା ଆଦୌ ନିର୍ଦ୍ଦୋଷ ନୁହେଁ । ବଡ଼ ଚାଲ୍ବାଜି, ବଡ଼ ଚାଲାକିରେ ଆମ ମାଗିବାଟା ପୂର୍ଣ୍ଣ । ଏଇଥିପାଇଁ ତ ଆମ ପ୍ରାର୍ଥନା ଈଶ୍ୱରଙ୍କ ପାଖରେ ପହଚିଂ ପାରେନାହିଁ । 'ପ୍ରାର୍ଥନା' ଶବ୍ଦର ଅର୍ଥ ତ ଏବେ କେବଳ 'ମାଗିବା' ହୋଇଯାଇଛି । ବନ୍ଧୁ ! ମାଗିବାରୁ ମୁକ୍ତ କର ପ୍ରାର୍ଥନାକୁ, ପ୍ରାର୍ଥନା ପହଚିଂଯିବ ଈଶ୍ୱରଙ୍କ ପାଖରେ । ପରମାତ୍ମା ଆଦୌ କାଲା ନୁହଁନ୍ତି ।

ଐଶ୍ୱର୍ଯ୍ୟର ଛାୟାରେ ଏକ ଅନୁଚିନ୍ତା

ହୋଟେଲ ତାଜ ପ୍ୟାଲେସ୍, ମୁମ୍ବାଇ । 'ପ୍ୟାଲେସ୍' ଶବ୍ଦରୁ ବାରି ହୋଇଯାଉଛି ହୋଟେଲର ଅନନ୍ୟ ରୂପରେଖ । କିଛି ସଙ୍କୋଚ ଓ ମନେମନେ କ୍ଷମା ମାଗି ମୁଁ ସେହି ତାଜ ପ୍ୟାଲେସ୍‌ରେ ପହଚିଂଲି । କୌଣସି ଭୋଗବିଳାସ ଉଦ୍ଦେଶ୍ୟରେ ନୁହେଁ, କିଛି ସ୍ୱପ୍ନ ସାକାର କରିବା ପାଇଁ ନୁହେଁ । ବରଂ ଏହା ମୋର ପିଲା ଓ ନାତି-ନାତୁଣୀମାନଙ୍କର ଭଲ ପାଇବା ଓ ଅନୁରୋଧ ରକ୍ଷା କରିବା ପାଇଁ । ସେମାନଙ୍କର ଅନୁରୋଧ ଥିଲା- "ମାତ୍ର ଗୋଟିଏ ରାତି । ଗୋଟିଏ ଥର ରୁହନ୍ତୁ । ଅନୁଭବ କରନ୍ତୁ ।" ନିଜ ଇଚ୍ଛା ବିରୁଦ୍ଧରେ ଠିକ୍ କଲୁ ଯେ ମୁଁ ଆଉ ମୋର ପତ୍ନୀ ଯିବୁ । ଐଶ୍ୱର୍ଯ୍ୟ ବା ବିଳାସ ଖୋଜୁଥିବା ହେତୁ ନୁହେଁ, ବରଂ ସନ୍ତାନମାନଙ୍କର ସ୍ନେହକୁ ସ୍ୱୀକାର କରିବା ଲାଗି । ତାଜରେ ପ୍ରବେଶ କରିବା ମାତ୍ରେ ଏକ ଅଜଣା ଅନୁଭୂତି ମୋତେ ଘେରି ଗଲା । ଏହା କେବଳ ଏକ ହୋଟେଲ ନୁହେଁ; ଏହା ଏକ ଭିନ୍ନ ଜଗତ- ସୁସଜ୍ଜିତ ପରିବେଶ, ଆମ ସାଧାରଣ ଜୀବନର ସରଳତାରୁ ଅନେକ ଦୂରରେ । କାନ୍ଥଗୁଡ଼ିକର ଚିତ୍ରକଳାର ମୂଲ୍ୟ ନିଶ୍ଚିତ ଭାବରେ ମୋର କେତେ ବର୍ଷର ଆୟ ସହିତ ସମାନ ହୋଇପାରେ ! ସବୁ କିଛି ସୁନିୟୋଜିତ । ହୋଟେଲ ଭିତରେ କାର୍ଯ୍ୟରତ ପ୍ରତ୍ୟେକଙ୍କର ଚାଲିଚଳନ ଓ ଶବ୍ଦ ସବୁ କିଛି ମପାଚୁପା ଓ କୃତ୍ରିମ ! ମୁଁ ଏ ଚାକଚକ୍ୟ ଦେଖି ଭୟଭୀତ ହୋଇ ନ ଥିଲି ; କିନ୍ତୁ ପରିବେଶ ମୋତେ ଅସ୍ଥିର କରି ଦେଇଥିଲା । ଲାଗୁଥିଲା ମୁଁ ଏକ ଅନ୍ୟ ଜଗତରେ ଅଛି । ହୋଟେଲର ଜଣେ କର୍ମଚାରୀ ଆମକୁ ଦିଆଯାଇଥିବା କକ୍ଷକୁ ବାଟେଇ ନେବା ଲାଗି ପହଚିଂଲ । ଗୋଲାପ ଫୁଲର ଗୁଚ୍ଛ ଦେଇ ସାଦର ଅଭ୍ୟର୍ଥନା ସହ ବାଟେଇ ନେଲେ । କକ୍ଷରେ ପ୍ରବେଶ କରି ଦେଖିଲି- ସୁସଜ୍ଜିତ ପଲଙ୍କ, ନିଖୁଣ ଭାବରେ ବିଛା ଯାଇଥିବା ବିଛଣା, ଝୁଲୁଥିବା ଚିତ୍ରିତ ପର୍ଦ୍ଦା, ସୋଫା, କକ୍ଷ ଭିତରେ ସଜା ଯାଇଥିବା ପ୍ରତ୍ୟେକ ବସ୍ତୁ, ବେଶ୍ ? ଆକର୍ଷଣୀୟ । ମନେ ହେଉଥିଲା ସତେ ଯେମିତି ଏଠାରେ ଅସମ୍ପୂର୍ଣ୍ଣତା ପାଇଁ କୌଣସି ସ୍ଥାନ ନାହିଁ ! ମୁଁ ଜଣେ ଶିକ୍ଷକ- କେବଳ ପେସାରେ ନୁହେଁ, ପରମ୍ପରାରେ ମଧ୍ୟ । ମୋ ପରିବାରରେ ଶିକ୍ଷା ଏକ ପରମ୍ପରା । ଆମ ଘରେ ବାହ୍ୟ ଆଡ଼ମ୍ବର ଅପେକ୍ଷା ମର୍ଯ୍ୟାଦା ଅଧିକ ମୂଲ୍ୟ ପାଏ । ଐଶ୍ୱର୍ଯ୍ୟ ନୁହେଁ, ଜ୍ଞାନ ଓ ସମ୍ମାନ ହିଁ ଆମର ସମ୍ପଦ । ନିରାଡ଼ମ୍ବର ଶାନ୍ତ ପରିବେଶରେ ସରଳ ଜୀବନଯାପନର ଅର୍ଥ ଏକ ସୁସ୍ଥ ପରିବାର । ସେଥିରେ ଆନନ୍ଦ ଥାଏ, ତା' ସହିତ ଅର୍ଥପୂର୍ଣ୍ଣ ଚିନ୍ତନର ଅବକାଶ ମଧ୍ୟ ଥାଏ । ଆମ ଘର ଦରଜା କିଛି ଶବ୍ଦ କରି ଖୋଲେ । ଏଠି ସେଗୁଡ଼ିକ ନିରବରେ ଅପସରି ଯାଆନ୍ତି । ଆମ ଘରେ ସାଧାରଣ କପ୍ ?ରେ ଚା' ପିଇବାରେ ଅଭ୍ୟସ୍ତ ଆମ ସାମନାରେ ଥିଲା ବହୁ ମୂଲ୍ୟ ପୋର୍ସେଲିନ ପାତ୍ର । ଏଠାରେ ସେବା ପାଇଁ କର୍ମଚାରୀମାନଙ୍କୁ ନିୟମାନୁଗତ ଶିଷ୍ଟାଚାରର ଶିକ୍ଷା ଦିଆଯାଇଥାଏ । ସେଥିପାଇଁ ହୋଟେଲ କର୍ମଚାରୀ ଅଭ୍ୟାସଗତ ଶୈଳୀରେ 'ସାର୍' ବୋଲି ସମ୍ବୋଧନ କଲାବେଳେ ମୁଁ ଭାବୁଥିଲି- ଏମିତି ଏକ ସ୍ଥାନରେ ସେଇ ଶବ୍ଦର ଅର୍ଥ କ'ଣ ? ମୋର ଶ୍ରେଣୀ କକ୍ଷରେ 'ସାର୍' ଶବ୍ଦଟିର ଅର୍ଥ ଭିନ୍ନ; ଛାତ୍ରଛାତ୍ରୀଙ୍କ ଲାଗି ଜଣେ ଶିକ୍ଷାଦାତାଙ୍କ ପ୍ରତି ସସ୍ନେହ ସଂବୋଧନ । ଏଠାରେ କିନ୍ତୁ ତାହା କେବଳ ଏକ ପ୍ରୋଟୋକଲର ଅଂଶ । ଏକ ନିରାଡ଼ମ୍ବରୀ ଜୀବନ ଲାଗି ଏଭଳି ଭବ୍ୟ ପରିବେଶ ଏକ ଭିନ୍ନ ଜଗତର ଅନୁଭବ ଆଣିଦେବା ସ୍ୱାଭାବିକ । ହୋଟେଲର ଝରକା ଦେଇ ବାହାରକୁ ଦେଖିଲେ ଆଉ ଏକ ଭାରତର ଅସ୍ତିତ୍ୱକୁ ଅନୁଭବ କରି ହେଉଥିଲା । ଏହି ସହର ଧାରଣ କରିଛି ଅନେକ ଜଗତଙ୍କୁ । ତାଜ ଭାରତରୁ ଭିନ୍ନ ନୁହେଁ; କିନ୍ତୁ ସେ ଆଉ ଏକ ଭାରତ ! ତାଜ ବାହାରେ ଯେଉଁ ଭାରତ, ସେଠି ଦିନର ଆୟକୁ ଗଣିଗଣି ଖର୍ଚ୍ଚ କରୁଥିବା ଶ୍ରମିକ, ସକାଳୁ ସକାଳୁ ଭିଡ଼ ଭିତରେ ବସ୍ ଚଢୁଥିବା ଲୋକ, ପେନସନକୁ ଆଖିରେ ରଖି ଖର୍ଚ୍ଚ କରୁଥିବା ବରିଷ୍ଠ ନାଗରିକ ଇତ୍ୟାଦି ଝଞ୍ଜାରେ ଅସ୍ତବ୍ୟସ୍ତ ହୋଇ ପଡୁଥିବା ଜୀବନ ଜଞ୍ଜାଳରେ ହଜି ଯାଆନ୍ତି । ତାଜ ପାଖ ଦେଇ ଯିବା ଆସିବା କରୁଥିବା ବେଳେ କିଛି ମୁହୂର୍ତ୍ତ ପାଇଁ ସେମାନଙ୍କ ଦୃଷ୍ଟି ମଧ୍ୟ ପହଁରି ଆସୁଥିବ ଏହି ଭବ୍ୟ ଇମାରତ ଉପରେ, କିନ୍ତୁ ଭାବାନ୍ତର ସୃଷ୍ଟି କରୁ ନ ଥିବ ! ସେମାନଙ୍କ ପାଇଁ ଏଭଳି ସ୍ଥାନଗୁଡ଼ିକ ଅଲଭ୍ୟ ଉଚ୍ଚାକାଂକ୍ଷାର ପ୍ରତୀକ । ମୋତେ କିନ୍ତୁ ଅସ୍ଥିର କରୁଥିଲା ଅଭାବ ଓ ପ୍ରାଚୁର୍ଯ୍ୟର ସାମୀପ୍ୟ, ସଂଘର୍ଷ ଓ ଆଡ଼ମ୍ବରର ସହାବସ୍ଥାନ । ଦୁଇଟିଯାକ ଭାରତ, କିନ୍ତୁ ପରସ୍ପର ଠାରୁ ଏତେ ପୃଥକ୍ ! ଭାବୁଥିଲି, ଏଭଳି ସ୍ଥିତିରେ ଦାରିଦ୍ର୍ୟକୁ ରୋମାଟିଂସାଇଜ କରିବା ଏବଂ ସଂପଦକୁ ଦୋଷାରୋପ କରିବାର କୌଣସି ଔଚିତ୍ୟ ଥାଏ କି ? ଏହା ସୁନିଶ୍ଚିତ ତାଜମହଲରୁ ହୋଟେଲଟି ତା'ର ନାମ ପାଇଥିବ ତାଜ ପ୍ୟାଲେସ । ତାଜମହଲ ଭାରତର ଐତିହ୍ୟ, ନିଗୂଢ଼ ସ୍ଥାପତ୍ୟ କଳାର ନିଦର୍ଶନ । ଏହା ମଧ୍ୟରେ ରହିଛି ଭାରତକୁ ଗରିମା ମଣ୍ଡନ କରିବାର ପରାକାଷ୍ଠା, ପରିଶ୍ରମ ଓ ତ୍ୟାଗର ଇତିହାସ । ତେଣୁ ଆଧୁନିକ ଭବ୍ୟତାର ଏକ ନିଦର୍ଶନ ସକାଶେ ତାଜ ଛଡ଼ା ଆଉ କେଉଁ ନାମ ଅବା ଉପଯୁକ୍ତ ହୋଇପାରେ ? ମୋ ଆଗରେ ଛିଡ଼ା ହୋଇଥିଲା ଏକ ବିଚିତ୍ର ଦ୍ୱନ୍ଦ୍ୱ । ଦୁଇଟି ଯାକ ଭାରତ ତ ବାସ୍ତବ, କିନ୍ତୁ କେଉଁଟି କାହା ଠାରୁ ଭଲ ବା ଖରାପ ନା ଉଭୟ ନିଜ ନିଜ ମାର୍ଗରେ ଓ ନିଜ ନିଜ ମୂଲ୍ୟବୋଧରେ ସୁସଂପୂର୍ଣ୍ଣ ? ମନେ ପଡୁଥିଲା ମୋର ଛାତ୍ରଛାତ୍ରୀମାନଙ୍କ କଥା, ସେମାନଙ୍କ ଆଶା, ସ୍ୱପ୍ନ ଆଉ ସଂଘର୍ଷର କଥା । ଗାଁର ଶିକ୍ଷକମାନଙ୍କ କଥା ଯେଉଁମାନେ ସୀମିତ ସୁବିଧାରେ ମଧ୍ୟ ଶିକ୍ଷାର ଆଲୋକ ଜଳାଇ ରଖିଛନ୍ତି । ମୋ ମନରେ ପ୍ରଶ୍ନ ଉଠୁଥିଲା- ଜୀବନରେ କେଉଁଟି ସତ୍ୟ ? ନରମ ଐଶ୍ୱର୍ଯ୍ୟ ନା ମୂଲ୍ୟବୋଧ 'ନେତି ନେତି'ର ଅର୍ଥ ଏଇଟି ସତ୍ୟ ନା ଅନ୍ୟଟି ! ଚାଳିଶ ବର୍ଷର ଶିକ୍ଷକତା ପରେ ମୋର ସମସ୍ତ ଶବ୍ଦ ସମ୍ଭାର ଏ ଦ୍ୱିବିଧାର ବ୍ୟାଖ୍ୟା କରିବାକୁ ଅସମର୍ଥ ।

ଶକ୍ତିହୀନ ସ୍ନାତକ

ସାଧାରଣତଃ ସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀମାନେ ବ୍ୟୟବହୁଳ ଉଚ୍ଚମାନର ବୈଷୟିକ ଶିକ୍ଷା ଉପଲବ୍ଧ ଥିବା ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରବେଶ କରୁଥିବା ବେଳେ, ଅସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀମାନେ କେବଳ ସାଧାରଣ ଡିଗ୍ରିମାନ ହାସଲ କରିପାରିଥାନ୍ତି, ଯାହା ପାଇଁ ନିଯୁକ୍ତି ବଜାରରେ ଚାହିଦା ଅତ୍ୟନ୍ତ ଦୁର୍ବଳ ହୋଇଥାଏ । ଯେତେବେଳେ ଭାରତର ଜନସଂଖ୍ୟାଜନିତ ଲାଭ ବା 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ୍'କୁ ଆମର ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ରୂପେ ପ୍ରଦର୍ଶନ କରାଯାଇଥାଏ, ସେତେବେଳେ ସାଧାରଣତଃ ୧୫-୫୯ ବୟସ ସୀମା ମଧ୍ୟରେ ରହିଥିବା ଏକ ବିଶାଳ ଉତ୍ପାଦନକ୍ଷମ ଜନସଂଖ୍ୟାକୁ ଏଇ ଶକ୍ତିର ଉତ୍ସ ରୂପେ ବିଚାର କରାଯାଉଥିଲେ ହେଁ, ପ୍ରକୃତରେ ଜନସଂଖ୍ୟାର ଯେଉଁ ଅଂଶରେ ଏଇ ଶକ୍ତି ସର୍ବାଧିକ ମାତ୍ରାରେ କେନ୍ଦ୍ରୀଭୂତ ହୋଇଥାଏ, ତାହା ହେଉଛି ୧୫-୨୯ର ଉଦ୍ଦାମ ବୟସ ସୀମା ଅନ୍ତର୍ଗତ ଅଂଶ । ଜନସଂଖ୍ୟାର ଏଇ ଅଂଶକୁ ଦେଶର ଯୁବଶକ୍ତି ପୀଠ ବୋଲି କହିଲେ ଭୁଲ୍ ହେବନାହିଁ । ଉନ୍ନତ ସ୍ୱାସ୍ଥ୍ୟ ଓ ଶିକ୍ଷାର ଅଧିକାରୀ ହୋଇ ଏଇ ଯୁବକଯୁବତୀମାନେ ଯଦି ଉପଯୁକ୍ତ ଉତ୍ପାଦନଶୀଳ ନିଯୁକ୍ତିରେ ପ୍ରବେଶ କରନ୍ତି, ସେମାନେ ଦେଶର ଅର୍ଥନୀତିକୁ ଉତ୍ତରୋତ୍ତର ସମୃଦ୍ଧି ପଥରେ ଆଗେଇ ନେବେ । ପୃଥିବୀର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତ ଏ ବାବଦରେ କିପରି ଏକ ଅତ୍ୟନ୍ତ ସୁବିଧାଜନକ ସ୍ଥିତିରେ ରହିଥାଏ, ନିମ୍ନୋକ୍ତ ପରିସଂଖ୍ୟାନରୁ ସେ ସମ୍ବନ୍ଧରେ ସହଜରେ ଧାରଣା କରିହେବ । ଭାରତରେ ଏଇ ବୟସ ସୀମା ମଧ୍ୟରେ ଥିବା ଯୁବକଯୁବତୀମାନଙ୍କ ସଂଖ୍ୟା ହେଉଛି ପ୍ରାୟ ୩୭ କୋଟି, ସେ ତୁଳନାରେ କେତେକ ଉନ୍ନତ ଇଉରୋପୀୟ ଦେଶମାନଙ୍କର ସମୁଦାୟ ଲୋକସଂଖ୍ୟା ହେଉଛି ଏହିପରି : ବ୍ରିଟେନ୍- ପ୍ରାୟ ସାତ କୋଟି, ଫ୍ରାନ୍ସ- ପ୍ରାୟ ସାତ କୋଟି, ଜର୍ମାନି- ପ୍ରାୟ ଆଠ କୋଟି । ଏଇ ପରିସଂଖ୍ୟାନ ଯାହା ସୂଚାଇଥାଏ, ତାହା ହେଲା ଭାରତ ପାଇଁ ଏହା ବହନ କରୁଥିବା ଏକ ବିଶାଳ 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ୍' ସୃଷ୍ଟି ହେବାର ସମ୍ଭାବନା । ଏଇ ସମ୍ଭାବନା କେତେ ଦୂର ବାସ୍ତବତାରେ ପରିଣତ ହେବ, ତାହା କିନ୍ତୁ ନିର୍ଭର କରିଥାଏ ଏଇ ଯୁବକଯୁବତୀମାନେ ଶିକ୍ଷା ସମାପ୍ତ କରିବା ପରେ କେତେ ଦୂର ସେଇ ଅନୁଯାୟୀ ଉପଯୁକ୍ତ ଉତ୍ପାଦନଶୀଳ ବୃତିମାନଙ୍କରେ ନିଯୁକ୍ତି ପାଇବାରେ ସଫଳ ହେବେ । ଯଦି ଏଇ ଶିକ୍ଷିତ ଯୁବକଯୁବତୀମାନଙ୍କ ମଧ୍ୟରୁ ଅଧିକାଂଶ ଠିକଣା ସମୟରେ ଉପଯୁକ୍ତ ନିଯୁକ୍ତି ଲାଭ କରି ନ ପାରନ୍ତି, ତେବେ ସେମାନଙ୍କ ଦ୍ୱାରା କେ ?ଣସି 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ୍' ଉପୁଜିବା ସମ୍ଭବ ହେବ ନାହିଁ । ଭାରତ ମଧ୍ୟ ଅତୀତରେ ଏଇ ସମସ୍ୟା ସହିତ ସୁପରିଚିତ, ଯାହାର ନାମ ହେଉଛି- ଶିକ୍ଷିତ ବେକାରି । ଭାରତ ବର୍ତ୍ତମାନ ହାସଲ କରିଚାଲିଥିବା ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ, ସେଇ ସମସ୍ୟା ଏବେ ବି ଯେ 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ୍' ସୃଷ୍ଟି ପଥରେ ପ୍ରତିବନ୍ଧକ ସାଜି ଛିଡ଼ା ହୋଇଛି, ତାହା ଏବେ ସପ୍ତାହକ ତଳେ ପ୍ରକାଶ ପାଇଥିବା ଆଜିମ୍ ପ୍ରେମ୍ ?ଜୀ ୟୁନିଭର୍ସିଟି ଦ୍ୱାରା ପ୍ରସ୍ତୁତ 'ଷ୍ଟେଟ୍ ଅଫ୍ ୱର୍କିଙ୍ଗ୍ ଇଣ୍ଡିଆ ୨୦୨୬' ରିପୋର୍ଟ ଦ୍ୱାରା ସାବ୍ୟସ୍ତ ହୋଇଛି । ଦେଶବ୍ୟାପୀ ଚର୍ଚ୍ଚାର ବିଷୟବସ୍ତୁରେ ପରିଣତ ହୋଇଥିବା ଏଇ ରିପୋର୍ଟ ବହନ କରୁଥିବା ଯେଉଁ ସୂଚନା ହେଉଛି ସର୍ବାଧିକ ଚିନ୍ତାଜନକ, ତାହା ହେଲା ଦେଶରେ ଦେଖାଯାଉଥିବା ସ୍ନାତକ ବେକାରିର ଆକାର । ଏହା ଅନୁସାରେ ଦେଶରେ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଥିବା ସ୍ନାତକମାନଙ୍କ ମଧ୍ୟରୁ ପ୍ରାୟ ୪୦ ଶତାଂଶ ବେକାର ହୋଇଥିବା ବେଳେ, ୨୫-୨୯ ବର୍ଷ ବୟସର ସ୍ନାତକମାନଙ୍କ ମଧ୍ୟରୁ ପ୍ରାୟ ୨୦ ଶତାଂଶ ବେକାର ଅବସ୍ଥାରେ ଅଛନ୍ତି । ଏଭଳି ସ୍ନାତକ ବେକାରି ଅନେକ ଦିନ ଧରି ଲାଗି ରହିଥିବା ବେଳେ, ଦେଶରେ ଶିକ୍ଷାନୁଷ୍ଠାନମାନଙ୍କରୁ ଅଧିକରୁ ଅଧିକ ସଂଖ୍ୟାରେ ସ୍ନାତକମାନେ ନିର୍ଗତ ହୋଇ ଚାଲିଥିବାରୁ ଏଇ ବେକାରିର ଆକରରେ ବୃଦ୍ଧି ଜୋର୍ ଧରିବା ଦେଖାଯାଉଛି । ଉଦାହରଣ ସ୍ୱରୂପ ୨୦୦୪-୨୦୨୩ ମଧ୍ୟରେ ଦେଶରେ ପ୍ରତି ବର୍ଷ ହାରାହାରି ପ୍ରାୟ ପାଚଂ ନିୟୁତ ସ୍ନାତକ ସୃଷ୍ଟି ହେବାରେ ଲାଗିଥିଲେ ହେଁ, ସେମାନଙ୍କ ମଧ୍ୟରୁ ପ୍ରାୟ ୨.୮ ନିୟୁତ ମାତ୍ର ନିଯୁକ୍ତି ପାଇବାରେ ସକ୍ଷମ ହୋଇଥିଲେ । ବେକାର ସ୍ନାତକମାନଙ୍କ ମଧ୍ୟରୁ ମାତ୍ର ପ୍ରାୟ ୭ ଶତାଂଶ ଏକ ବର୍ଷ ମଧ୍ୟରେ ସ୍ଥାୟୀ ଦରମାଯୁକ୍ତ ନିଯୁକ୍ତି ପାଇବାରେ ସକ୍ଷମ ହୋଇଥାନ୍ତି । ୨୦୨୩ ସୁଦ୍ଧା ୨୦-୨୯ ବୟସ ସୀମା ମଧ୍ୟସ୍ଥ ୬୩ ନିୟୁତ ସ୍ନାତକମାନଙ୍କ ମଧ୍ୟରୁ ପ୍ରାୟ ୧୧ ନିୟୁତ ବେକାର ରହିଥିଲେ । ଏଥିରୁ ସ୍ପଷ୍ଟ ହୋଇଥାଏ ଯେ ଦେଶରେ ଯେଉଁ ନିଯୁକ୍ତି ସୃଷ୍ଟି ହେବାରେ ଲାଗିଛି, ତାହା ଶିକ୍ଷିତ ଯୁବକଯୁବତୀମାନଙ୍କ ଯୋଗ୍ୟତା ଅନୁସାରେ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ । ଅର୍ଥାତ୍ ଦେଶରେ ଯଥେଷ୍ଟ ସଂଖ୍ୟକ ଦରମାଯୁକ୍ତ ନିଯୁକ୍ତି ସୃଷ୍ଟି ହେଉନାହିଁ । ଉଦାହରଣ ସ୍ୱରୂପ ୨୦୨୧-୨୨ରୁ ୨୦୨୩-୨୪ ମଧ୍ୟରେ ଭାରତରେ ମୋଟ ୮୩ ନିୟୁତ ନିଯୁକ୍ତି ସୃଷ୍ଟି ହୋଇଥିଲା, କିନ୍ତୁ ସେଥିମଧ୍ୟରୁ ପ୍ରାୟ ୪୦ ନିୟୁତ ସୃଷ୍ଟି ହୋଇଥିଲା କୃଷି କ୍ଷେତ୍ରରେ, ଅର୍ଥାତ୍ ଅସଂଗଠିତ କ୍ଷେତ୍ରରେ । ଉଲ୍ଲେଖ ନିଷ୍ପ୍ରୟୋଜନ, ଶିକ୍ଷିତ ସ୍ନାତକମାନେ ନିଯୁକ୍ତି ସନ୍ଧାନରେ ଏ କ୍ଷେତ୍ରରେ ପ୍ରବେଶ କରିବାକୁ ସର୍ବଦା କୁଣ୍ଠା ପ୍ରକାଶ କରିଥାନ୍ତି । ତେବେ ଏଇ ସମସ୍ୟାର ଅନ୍ୟ ଯେଉଁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମଧ୍ୟ ରିପୋର୍ଟରେ ଆଲୋକପାତ କରାଯାଇଛି, ତାହା ହେଲା ଏଇ ନିଯୁକ୍ତି-ସନ୍ଧାନୀ ଯୁବକଯୁବତୀମାନଙ୍କର ନିଯୁକ୍ତି-ଯୋଗ୍ୟତା । ଉଦାରୀକରଣ ଆରମ୍ଭ ସମୟରେ ଦେଶରେ ମାତ୍ର ୧,୬୪୪ଟି ଉଚ୍ଚତର ଶିକ୍ଷାନୁଷ୍ଠାନ ଥିବାବେଳେ ବର୍ତ୍ତମାନ ସେଇ ସଂଖ୍ୟା ୭୦,୦୦୦ ଅତିକ୍ରମ କରିସାରିଲାଣି ଏବଂ ବିଗତ ୨୫ ବର୍ଷ ମଧ୍ୟରେ ଦେଶରେ ଥିବା ବେ ?ଷୟିକ ଶିକ୍ଷାନୁଷ୍ଠାନ 'ଆଇଟିଆଇ'ମାନଙ୍କ ?ର ସଂଖ୍ୟାରେ ପ୍ରାୟ ୩୦୦ ପ୍ରତିଶତ ବୃଦ୍ଧି ଘଟିଛି । କିନ୍ତୁ ଏ ସମସ୍ତ ଶିକ୍ଷାନୁଷ୍ଠାନରୁ ବାହାରୁଥିବା ଶିକ୍ଷିତ ଯୁବକଯୁବତୀମାନଙ୍କ ମଧ୍ୟରୁ ଅନେକଙ୍କ ଠାରେ ଶିଳ୍ପବାଣିଜ୍ୟ କ୍ଷେତ୍ରରେ ନିଯୁକ୍ତିଦାତାମାନେ ଆବଶ୍ୟକ କରୁଥିବା ଭଳି ଦକ୍ଷତା ଅନୁପସ୍ଥିତ ଥିବା ପରିଲକ୍ଷିତ ହୋଇଥାଏ । ରିପୋର୍ଟରେ ଦେଶରେ ଉଚ୍ଚ ଶିକ୍ଷା ଉପଲବ୍ ?ଧତାରେ ରହିଥିବା ଆଂଚଳିକ ବେ ?ଷମ୍ୟ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି, ଯେମିତି ବିହାର ବା ଝାଡ଼ଖଣ୍ଡ ପରି ରାଜ୍ୟମାନଙ୍କରେ ରହିଥିବା ଆବଶ୍ୟକ ସଂଖ୍ୟକ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ଅଭାବ । ଛାତ୍ରଛାତ୍ରୀମାନଙ୍କର ଆର୍ଥିକ ସ୍ଥିତିରେ ବେ ?ଷମ୍ୟ ମଧ୍ୟ କିଭଳି ସେମ ?ାନେ ପାଇପାରୁଥିବା ଶିକ୍ଷାର ପ୍ରକାର ଓ ଗୁଣାତ୍ମକ ମାନକୁ ପ୍ରଭାବିତ କରିଥାଏ, ରିପୋର୍ଟରେ ତାହା ମଧ୍ୟ ଦର୍ଶାଯାଇଛି । ସାଧାରଣତଃ ସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀମାନେ ବ୍ୟୟବହୁଳ ଉଚ୍ଚମାନର ବେ ?ଷୟିକ ଶିକ୍ଷା ଉପଲବ୍ ?ଧ ଥିବା ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରବେଶ କରୁଥିବା ବେଳେ, ଅସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀମାନେ କେବଳ ସାଧାରଣ ଡିଗ୍ରିମାନ ହାସଲ କରିପାରିଥାନ୍ତି, ଯାହା ପାଇଁ ନିଯୁକ୍ତି ବଜାରରେ ଚାହିଦା ଅତ୍ୟନ୍ତ ଦୁର୍ବଳ ହୋଇଥାଏ । ଦେଶରେ ନୀତିନିର୍ଦ୍ଧାରକମାନଙ୍କ ପାଇଁ ଏଇ ?ରିପୋର୍ଟ ବହନ କରୁଥିବା ସନ୍ଦେଶ ହେଉଛି ସିଧାସଳଖ ଓ ସ୍ପଷ୍ଟ : ଦେଶରେ ଶିକ୍ଷିତ ବେକାରି ଦୂର କରିବାକୁ ହେଲେ ଶିକ୍ଷାର ଗୁଣାତ୍ମକ ମାନରେ ଉନ୍ନତି ଘଟାଇବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କ ଠାରେ ନିଯୁକ୍ତି ପ୍ରଦାନକାରୀ ଶିଳ୍ପବାଣିଜ୍ୟ ଅନୁଷ୍ଠାନମାନେ ଆବଶ୍ୟକ କରୁଥିବା ଦକ୍ଷତା ସୃଷ୍ଟି କରିବାକୁ ହେବ । ନଚେତ ଅନତିବିଳମ୍ବେ ଆମର ବହୁ ପ୍ରଚାରିତ 'ଜନସଂଖ୍ୟା ଲାଭ' ପରିଣତ ହୋଇଯିବ 'ଜନସଂଖ୍ୟା ବୋଝ'ରେ ।

ସରସ ରସ : ଆରମ୍ଭ ହିଁ ଶେଷ , ଶେଷ ହିଁ ଆରମ୍ଭ

ଏହା ଏକ ଚିରନ୍ତନ ସତ୍ୟ । ଆରମ୍ଭ ହିଁ ନିଜେ ଶେଷ ଓ ଶେଷ ମଧ୍ୟ ନିଜେ ଏକ ଆରମ୍ଭ । ପ୍ରକୃତିର ଅଙ୍ଗନରେ ପ୍ରତ୍ୟେକ ଆରମ୍ଭର ଏକ ସମାପ୍ତି ଥାଏ ଏବଂ ସେହି ସମାପ୍ତିଠାରୁ ହିଁ ନୂତନ ଆରମ୍ଭର ସୂତ୍ରପାତ ହୁଏ । ନୂତନ କାର୍ଯ୍ୟ ଆରମ୍ଭ ହେବାପାଇଁ ପୂର୍ବରୁ ଚାଲିଥିବା କାର୍ଯ୍ୟଟି ସମାପ୍ତ ହେବା ଜରୁରି । କୌଣସି ଏକ ସ୍ଥାନରେ ପହଚିଂବାକୁ ହେଲେ କୌଣସି ଏକ ସ୍ଥାନରୁ ଯାତ୍ରା ଆରମ୍ଭ କରିବାକୁ ପଡ଼େ । ଜୀବନର ଗୋଟିଏ ପର୍ଯ୍ୟାୟ ସମାପ୍ତ ହେଲେ ପରବର୍ତ୍ତୀ ପର୍ଯ୍ୟାୟଟି ଆରମ୍ଭ ହୁଏ । ଏହାକୁ ସେକ୍ସପିୟର କହିଛନ୍ତି "ସେଭେନ୍ ଏଜେସ୍ ଅଫ୍ ମ୍ୟାନ" । ଜୀବନର ସାତଟି ଅବସ୍ଥା । ଆମର ସଂସାର-ଚକ୍ର ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମର ମଣ୍ଡଳାକାର ପରିଣତି । ଆରମ୍ଭ ଓ ଶେଷ ଉଭୟ ଏକ ଓ ଅଭିନ୍ନ । କିଛି ବର୍ଷ ପୂର୍ବେ 'ନେଟ୍‌ଫ୍ଲିକ୍ସ' ଚ୍ୟାନେଲରେ 'ଡାର୍କ' ନାମରେ ଗୋଟିଏ ଧାରାବାହିକ ପ୍ରଦର୍ଶିତ ହେଉଥିଲା । କାହାଣୀରେ ତା'ର ଏହି ସତ୍ୟର ଅବତାରଣା କରି ଦର୍ଶାଯାଇଥିଲା ଯେ, ଜୀବନଚକ୍ର ଆମର ଜୋତାର ଫିତା ବନ୍ଧାହେବା ପରି ପରସ୍ପର ଛନ୍ଦାଛନ୍ଦି । ଅତୀତରୁ ବର୍ତ୍ତମାନ ଓ ଭବିଷ୍ୟତ ସବୁ ଗୋଟିଏ ଅନ୍ୟଠାରୁ ଅବିଭାଜ୍ୟ । ଜୋତାର ଫିତା ଯେଉଁଠାରୁ ବାନ୍ଧିବା ଆରମ୍ଭ ହୋଇଥାଏ ଶେଷରେ ସେହିଠାରେ ଆସି ଶେଷହୁଏ । ଦାର୍ଶନିକ ଫ୍ରେଡରିକ୍ ନିଚା ତାଙ୍କ ଦ୍ୱାରା ପ୍ରସ୍ତୁତ 'ଇଟର୍ନାଲ ରିଟର୍ଣ୍ଣ' ବା 'ଅନନ୍ତ ପୁନରାବୃତ୍ତି' ସିଦ୍ଧାନ୍ତରେ ସ୍ୱୀକାର କରିଛନ୍ତି ଯେ, ସମୟ ନିଜକୁ ଅନନ୍ତ ଚକ୍ରରେ ଦୋହରାଇ ଚାଲିଛି । ତେଣୁ ସଂସାରର ସବୁକିଛି ସେଇ ଚକ୍ର ମଧ୍ୟଦେଇ ନିରନ୍ତର ପୁନରାବୃତି ହେବାରେ ଲାଗିଛି । ଯାହା ଶେଷ ହେଉଛି ତାହା ତା' ନିଜ ମଧ୍ୟରେ ବିଲୀନ ହୋଇଯାଇ ପୁନଶ୍ଚ ଆରମ୍ଭ ହେଉଛି, ଠିକ୍ ପୌରାଣିକ ସର୍ପ 'ଉରୋବରୋସ୍' ପରି । ଉରୋବରୋସ୍ ନିଜର ଲାଞ୍ଜକୁ ନିଜେ ଗିଳୁଥିବାର ଚିତ୍ର ହେଉଛି ଆରମ୍ଭ ଓ ଶେଷ, ଅର୍ଥାତ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମର ପ୍ରତୀକ । ଭାରତୀୟ ଦର୍ଶନ ଏହି କଥାକୁ ମଧ୍ୟ ସ୍ୱୀକାର କରେ । ସଂସାରରେ କୌଣସି ପଦାର୍ଥର ଆରମ୍ଭ ନାହିଁ କି ସମାପ୍ତି ନାହିଁ । ବ୍ରହ୍ମାଣ୍ଡ ଆମର ସୃଜନ, ସଂରକ୍ଷଣ ଓ ବିଘଟନ ଚକ୍ରଦେଇ ଅନନ୍ତକାଳ ଧରି ଗତି କରୁଛି । ଭଗବତଗୀତା (୨/୧୨)ରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଛନ୍ତି, "ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ/ ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ।" ଏପରି କୌଣସି ସମୟ ନଥିଲା ଯେତେବେଳେ ଆମେମାନେ ନଥିଲେ କି ଏପରି କୌଣସି ସମୟ ଆସିବନି ଯେତେବେଳେ ଆମେମାନେ ନଥିବା । କବି ଟି. ଏସ୍. ଏଲିୟଟ୍ ନିଜର କବିତା ସଂକଳନ 'ଫୋର୍ କ୍ୱାର୍ଟରସ୍'ର ଶେଷ କବିତା 'ଲିଟିଲ୍ ଗିଡିଙ୍ଗ୍'ରେ ଲେଖିଛନ୍ତି, 'ଆମେ ଯାହାକୁ ଆରମ୍ଭ କହିଥାଉ ତାହା ଏକ ସମାପ୍ତି । ସମାପ୍ତ କରିବାକୁ କିଛି ଏକ ଆରମ୍ଭର ଆବଶ୍ୟକ ହୁଏ । ସମାପ୍ତି ସେହିସ୍ଥାନ ଯେଉଁଠାରୁ ଆରମ୍ଭ ସଂଘଟିତ ହୋଇଥାଏ ।' ଚୀନ୍‌ର 'ତାଓ' ଦର୍ଶନ 'ୟିନ୍ ଓ ୟାଙ୍ଗ୍' ସିଦ୍ଧାନ୍ତରେ ଦର୍ଶାଯାଇଛି, ସବୁ ବିରୁଦ୍ଧ ତତ୍ତ୍ୱଗୁଡ଼ିକ ଏକ ଅନ୍ୟଠାରୁ ଅବିଚ୍ଛେଦ୍ୟ । ଅନ୍ଧାର ଶେଷରେ ଆଲୋକ, ନୂତନ ପରେ ପୁରାତନ, ଆରମ୍ଭ ଶେଷରେ ସମାପ୍ତ ଓ ପୁନଶ୍ଚ ଆରମ୍ଭ । ଗୋଟିଏ ସରଳ ଉଦାହରଣ ଦେଖନ୍ତୁ: ଆପଣ ତଟକା ବିସ୍କୁଟ୍ ଖଣ୍ଡେ ଖାଇଲେ । ଖୁବ୍ ତାଜା ଓ କୁରକୁରା ଥିଲା । ଅବଶିଷ୍ଟ ବିସ୍କୁଟ୍‌ରୁ କିଛି ଚା'ରେ ବୁଡ଼େଇଦେଲେ । ଏବେ ସେ ହୋଇଗଲା ସଂପୂର୍ଣ୍ଣ ନରମ । ନରମ ଅଂଶଟି ଖାଇବାପରେ ବାକିଥିବା ବିସ୍କୁଟ୍ ହୋଇଗଲା ପୁଣି କୁରକୁରା । ନରମ ଅବସ୍ଥା ଆରମ୍ଭ ହେବାପାଇଁ ବିସ୍କୁଟ୍‌ର କୁରକୁରା ଅବସ୍ଥାକୁ ଆରମ୍ଭ ହୋଇ ଶେଷ ହେବାକୁ ପଡ଼ିଲା । ସେହିପରି ନରମ ଅବସ୍ଥାର ଶେଷ ହେଲା କୁରକୁରା ଅବସ୍ଥାର ଆରମ୍ଭରୁ । ଏବେ ବୁଝିଲେ ତ ଉଭୟ ଅବସ୍ଥା ନିଜେ ଆରମ୍ଭ ଓ ନିଜେ ଶେଷ । ମନୁଷ୍ୟ କିନ୍ତୁ ଏ ଗୋଲକଧନ୍ଦା ନବୁଝି କଷ୍ଟରେ ଘାଚିଂ ହେଉଥାଏ । ପୁରୁଣା ଗୀତଟିଏ ଶୁଣିଥିବେ : "ଅଜିବ ଦାସତାଁ ହୈ ୟେ, କହାଁ ସୁରୁ କହାଁ ଖତମ୍/ ୟେ ମଂଜିଲେ ହେଁ କୌନସି ନା ୱୋ ସମଝ୍ ସକେ ନା ହମ୍... ।" ଇଏ ଏକ ଅଜବ ବୃତ୍ତାନ୍ତ । ଏହାର ଆରମ୍ଭ କେଉଁଠୁ, ଶେଷ କେଉଁଠି ? ଲକ୍ଷ୍ୟସ୍ଥଳ ଏହାର କ'ଣ ? ନା' ସିଏ ବୁଝେ ନା' ମୁଁ । ଜୀବନରେ କିଛି ଏମିତି ସମୟ ଆସେ, ଯେତେବେଳେ ଆରମ୍ଭର ଶେଷ ଅଥବା ଶେଷର ଆରମ୍ଭଟି ଅଧିକ ସ୍ପଷ୍ଟ ଅନୁଭୂତ ହୁଏ । ଏ ସନ୍ଧିକ୍ଷଣଟି ବଡ଼ ଏକ ପରିବର୍ତ୍ତନର ସମୟ । ନୂତନ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପ୍ରସ୍ତୁତ ହେବାର ସମୟ । ଏ ସମୟଟି ସକାରାତ୍ମକ କିମ୍ବା ନକାରାତ୍ମକ ତାହା ଆମର ଦୃଷ୍ଟିକୋଣ ଉପରେ ନିର୍ଭର କରେ । ପ୍ରତ୍ୟେକ ଆରମ୍ଭର ଅନ୍ତିମ କ୍ଷଣ ଏକ ଏକ ଦୁଃଖଦ ଅନୁଭୂତି, ଯାହା ଆମେ ଅନୁଭବରେ ଆଣିବାକୁ ଚାହିଁନଥାଉ । ନୂତନ ଆରମ୍ଭଟିଏ ଆମପାଇଁ ସମ୍ଭାବନାପୂର୍ଣ୍ଣ ହୋଇଥାଏ । ଏ ଅନୁଭବ ହେଉଛି, ଠିକ୍ ଯେମିତି କକୁନ୍ ଭିତରେ ସ୍ଥିତ ସଂବାଳୁଆ ଯାହାକୁ ମୃତ୍ୟୁର ଅନ୍ତିମ ବେଦନା ବୋଲି ବୁଝେ, ନବ୍ୟସୃଷ୍ଟ ପ୍ରଜାପତି ପାଇଁ ତାହା ହୋଇଯାଏ ନବଜନ୍ମର ଚମତ୍କାରିତା । ଆମେ ଯାହା ବି ଆରମ୍ଭ କରୁ ତାହାର ଅବଶ୍ୟ ଗୋଟିଏ ସମାପ୍ତି ଅଛି ଏବଂ ସମାପ୍ତି ହିଁ ଆମକୁ ନୂତନ ଏକ ଆରମ୍ଭ ନିକଟରେ ପହଚାଂଇ ଦେଉଛି । ସମାପ୍ତ ତେଣୁ ଅନ୍ତିମ ବିନ୍ଦୁ ନୁହେଁ, ପରିବର୍ତ୍ତନ ଓ ନବୀକରଣ କରିବାର ଏକ ସୁଯୋଗ । ପୂର୍ବ ଅନୁଭୂତିରୁ ଶିକ୍ଷାନେଇ ନୂତନ ଜ୍ଞାନ ସହିତ ସଦ୍ୟ ଏକ ଯାତ୍ରା ଆରମ୍ଭ କରିବାର ଅବସର । ଅନନ୍ତ ପଥରେ ଆରମ୍ଭ ହୋଇଥିବା ଏ ଯାତ୍ରା କେବେ ସମାପ୍ତ ହୁଏ ନାହିଁ । ସମାପ୍ତି ସେଇଠି ଅନୁଭବ ହୁଏ, ଯେଉଁଠାରେ ଆଶା ଓ ଆକାଂକ୍ଷା ସବୁ ଅଟକିଯାଏ । କବି ମୀର୍ଜା ଗାଲିବ୍ ଲେଖିଛନ୍ତି ପରା, "ରାସ୍ତେ କାହାଁ ଖତମ୍ ହୋତେହେଁ ଜୀନ୍ଦଗି କେ ସଫର୍ ମୈଁ/ ମଂଜିଲ୍ ତୋ ୱୋହିଁ ହେ ଜାହାଁ ଖ୍ୱାହିସେଁ ଥମ୍ ଯାୟେ ।" ଏ ଆଲେଖର ସମାପ୍ତି କରୁଛି ଦାର୍ଶନିକ ସେନେକାଙ୍କର ଗୋଟିଏ ଉକ୍ତି ସହିତ: "ଭିଭାମସ୍ ମୋରିୟେଣ୍ଡମ୍ ଏଷ୍ଟ୍ ।" ଏ ଲାଟିନ୍ ବାକ୍ୟଟିର ବାର୍ତ୍ତା ଆମ ସମସ୍ତଙ୍କ ପାଇଁ: 'ଚାଲନ୍ତୁ ବଚିଂବା, କାରଣ ମରିବାକୁ ତ ହେବ !'

ବିନ୍ଦୁଏ ବ୍ୟତିକ୍ରମ ଗଳ୍ପ ପୁସ୍ତକ ଉନ୍ମୋଚିତ

ଭଦ୍ରକ,୩୧/୩: ସମ୍ଭାବନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ୟୁବିଆଇର ଅବସରପ୍ରାପ୍ତ ଏ.ଜି.ଏମ୍ ମଦନ ମୋହନ ମହାକୁଡଙ୍କର "ବିନ୍ଦୁଏ ବ୍ୟତିକ୍ରମ" ଗଳ୍ପ ପୁସ୍ତକ ମୁଖ୍ୟ ଅତିଥି ପ୍ର. ଡ. ବ୍ରଜମୋହନ ମିଶ୍ରଙ୍କ ଦ୍ୱାରା ଜିଲ୍ଲା ସଂସ୍କୃତି ଭବନ ଠାରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ପୁସ୍ତକର ସମୀକ୍ଷା କରିଥିଲେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ନାୟକ, ବି.ଏନ.ଏମ୍ ପାଳିଆ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱ ରଞ୍ଜନ ଦାସ, ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପକ ଡ. ଅଭୟ ଦାସ । ସଭାରେ ଅଧ୍ୟକ୍ଷତା କରିଥିଲେ ସମ୍ଭାବନା ସାହିତ୍ୟ ସଂସଦର ସଭାପତି ପ୍ର. ଡ. ଅଟଳ ବିହାରୀ ନାୟକ, ମଂଚ ପରିଚାଳନା କରିଥିଲେ ସମ୍ପାଦକ ରତୁରାଜ ଅକ୍ଷୟ । ମଂଚ ଆହ୍ୱାନ କରିଥିଲେ କବୟିତ୍ରୀ ସଂଯୁକ୍ତା ବଳ ନାୟକ । ସ୍ୱାଗତ ଭାଷଣ ଓ ଅତିଥି

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

କବରାପାଲି ରାମଲୀଲା ଆରମ୍ଭ

ସମ୍ବଲପୁର,୩୧/୩(ନି/ପ୍ର): ଚୈତ୍ର ନବମୀ ଠାରୁ ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ କବରାପାଲି ଠାରେ ୭୮ ତମ ରାମନବମୀ ଉତ୍ସବ ଅବସରରେ ରବିବାର ରାତିରୁ ରାମଲୀଲା ନାଟକ ଆରମ୍ଭ ହୋଇଯାଇଛି । ୧୯୪୮ ମସିହାରୁ କବରାପାଲି ଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ବର୍ଷ ହେବ ରାମଲୀଲା ନାଟକ ଆୟୋଜନ ହୋଇ ଆସୁଛି । ମଧ୍ୟରାତ୍ରରେ ଆୟୋଜିତ ହେଉଥିବା ରାମ ଲୀଲା ନାଟକର ପ୍ରଥମ ଦିନରେ ଶ୍ରୀରାମ ଜନ୍ମ ପ୍ରସଙ୍ଗ ମଂଚସ୍ଥ ହୋଇଥିଲା । ଲୀଲା ନାଟକର ପରମ୍ପରାକୁ ଆଜି ପର୍ଯ୍ୟନ୍ତ ପରମ୍ପରା ଅନୁସାରେ ଆୟୋଜନ କରାଯାଉଥିବା ବେଳେ ଏବେବି ଏହାର ଆକର୍ଷଣ ରହିଥିବା ଆୟୋଜକ କହିଛନ୍ତି । ପ୍ରଥମ ଦିନ ନାଟକରେ ଇନ୍ଦ୍ର ଭୂମିକାରେ ରଞ୍ଜନ ପ୍ରଧାନ, ବିଷ୍ଣୁ ଭୂମିକାରେ ହେମନ୍ତ ସାହୁ, ଲକ୍ଷ୍ମୀ ଭୂମିକାରେ ଭୁବନା ଭୋଇ, ସରସ୍ୱତୀ ଭୂମିକାରେ ଶ୍ରୀକାନ୍ତ ସାହୁ, ଦଶରଥ ଭୂମିକାରେ ଶରତ ସାହୁ, ବ୍ରହ୍ମା ଭୂମିକାରେ ଖୀରୋଦ ସାହୁ, ରାମ ଭୂମିକାରେ ପ୍ରବୀଣ ବାଗ, ଲକ୍ଷ୍ମଣ ଭୂମିକାରେ ସୌରଭ ଭୋଇ, ବଶିଷ୍ଠ ଭୂମିକାରେ ସଞ୍ଜୟ ବଡ଼ାଇ, ବିଶ୍ୱାମିତ୍ର ଭୂମିକାରେ ସୁରେନ୍ଦ୍ର ପ୍ରଧାନ ଅଭିନୟ କରିଥିଲେ । ସେହିପରି ପୁରାଣ ପାଠରେ ମନୋଜ ପ୍ରଧାନ, ଦିଲିପ ବଡ଼ାଇ, ସଞ୍ଜୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ । ସାଜସଜ୍ଜାରେ କାହ୍ନୁଚରଣ ଜେନା, ଲବ ପ୍ରଧାନ ଏବଂ ପ୍ରସନ୍ନ ସାହୁ ସହଯୋଗ କରିଥିଲେ । ଦୀର୍ଘ ଏଗାର ଦିନ ଧରି ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତା ମନ୍ଦିର ବାହାର ମଣ୍ଡପରେ ରହି ଭକ୍ତ ମାନଙ୍କୁ ଦର୍ଶନ ଦେବାର ପରମ୍ପରା ଗାଁରେ ରହିଆସିଛି । ଏହି ସମୟରେ ମଣ୍ଡପରେ ପ୍ରତିଦିନ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଲା ନାଟକ ଆୟୋଜନ କରାଯାଇଥାଏ । ଆସନ୍ତା ୫ ତାରିଖରେ ମଣ୍ଡପରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ପଣ୍ଡିତ ଅଶ୍ୱିନୀ ବିଶ୍ୱାଳ ଦିନବେଳା ପୁରାଣ ପାଠର ନେତୃତ୍ୱ ନେଉଥିବା ବେଳେ ସନ୍ତୋଷ ମିଶ୍ର ପୂଜା କାର୍ଯ୍ୟକ୍ରମରେ ପୌରହିତ୍ୟ କରୁଛନ୍ତି । ଏହି ସମୟରେ ଦୀର୍ଘ ଏଗାର ଦିନ ଧରି ଗାଁରେ ଆମିଷ ଭକ୍ଷଣ ସହିତ ନିଶା ଦ୍ରବ୍ୟ ସେବନ ବନ୍ଦ ରହିଥାଏ । ୧୧ ଦିନ ଧରି ଗ୍ରାମବାସୀ କଡାକଡି ଭାବେ ଏଭଳି ନିତିନିୟମ ପାଳନ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାନ୍ତି । ଏଗାର ଦିନ ଧରି କାର୍ଯ୍ୟକ୍ରମକୁ ଗାଁରୁ ଯୁବକ ମାନେ ବେଶ ଉତ୍ସାହର ସହ ଆୟୋଜନ କରିଥାନ୍ତି । ସୋମବାର ରାତିରେ ସୀତା ସ୍ୱୟଂବର ସହ ଶ୍ରୀରାମ ବିବାହ ଉତ୍ସବ ମଂଚସ୍ଥ ହେଉଛି । ରାମନବମୀ କମିଟିର ସଭାପତି ମହିମା ପ୍ରସାଦ ବଡ଼ାଇ, ଅଶ୍ୱିନୀ ବଡ଼ାଇ, ମନୋଜ ବଡ଼ାଇ, ସୁଦିପ୍ତ ସାହୁ, ମନୋଜ ବଡ଼ାଇ, ଅମରେଶ ସାହୁ, ଗୋବନ୍ଦ ସାହୁ, ବିପିନ ବଡ଼ାଇ, ସନ୍ଦିପ ସାହୁ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ରାମନବମୀ ଆୟୋଜନରେ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ରେଢ଼ାଖୋଲ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,୩୧/୩(ନି/ପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ମୋଟ ୮୫ ଟି ଆବେଦନ ଗ୍ରହଣ କରାଯାଇ ଥିଲା । ସେଥି ମଧ୍ୟରୁ ୬୪ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୮ ଟି ସମସ୍ୟା ଗ୍ରାମୀଣ ସମସ୍ୟା ସହିତ ଜଡିତ ଥିଲା । ଉକ୍ତ ଅଭିଯୋଗ ଶୁଣାଣୀ ଠାରେ ମାତ୍ର ଗୋଟିଏ ସମସ୍ୟାର ସମାଧାନ କରାଯାଇଥିଲା ।

ରୁଙ୍ଗଟା କମ୍ପାନୀର ଭାରୀଯାନ ଚଳାଚଳରେ ରାସ୍ତା ପାଲଟିଛି ମରଣଯନ୍ତା

ନିର୍ମାଣ ପାଇଁ ଅଂଚଳବାସୀଙ୍କ ଦାବି

ଝାରସୁଗଡ଼ା,୩୧/୩(ନି/ପ୍ର): ସଦର ବ୍ଲକ ଅନ୍ତର୍ଗତ ମରାକୁଟା ଅଂଚଳରେ ରୁଙ୍ଗଟା ସନ୍ସ କମ୍ପାନୀର ଭାରୀଯାନ ଚଳାଚଳ ଯୋଗୁଁ ବିଜୁ ଏକ୍ସପ୍ରେସ ୱେ ଠାରୁ ଜମେରା ଓ ମରାକୁଟା ପର୍ଯ୍ୟନ୍ତ ରାସ୍ତା ଦୟନୀୟ ଅବସ୍ଥାକୁ ପହଂଚିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି । ଏହାର ପ୍ରଭାବ ମରାକୁଟା ଓ ଜମେରା ଗ୍ରାମ ପଂଚାୟତ ସହିତ ବୁଡିପଦର, ଟିହାଡିପାଲି, ସାଲେଟ୍ରିକା, ଜାମଟିକ୍ରା ଓ ପର୍ଣ୍ଣିପଥର ଆଦି ଅଂଚଳର ଲୋକମାନଙ୍କ ଉପରେ ପଡ଼ିଛି । ବିଶେଷ କରି ଛାତ୍ରଛାତ୍ରୀ ଓ ଦୈନନ୍ଦିନ ଯାତ୍ରୀମାନେ ଏହି ରାସ୍ତାରେ ଯାତାୟାତ କରିବାରେ ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ରୁଙ୍ଗଟା ସନ୍ସ କମ୍ପାନୀର ଶତାଧିକ ଭାରୀଯାନ ଦୈନିକ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ବେଳେ ରାସ୍ତାର କ୍ଷମତା ବାହାରେ ଓଜନ ବହନ କରିବାରୁ ଏହା ଶୀଘ୍ର ନଷ୍ଟ ହେଉଛି । ଫଳସ୍ୱରୂପ, ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖାଯାଉଛି । ରାସ୍ତାର ଦୟନୀୟ ପରିସ୍ଥିତି ଯୋଗୁଁ ଲକ୍ଷ୍ମୀ ବସ୍ ସେବା ମଧ୍ୟ ପ୍ରଭାବିତ ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି । ତେଣୁ ତୁରନ୍ତ ରାସ୍ତା ନିର୍ମାଣ ସହିତ କମ୍ପାନୀର ଭାରୀଯାନ ଚଳାଚଳ ଉପରେ ନିୟନ୍ତ୍ରଣ ଲାଗୁ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି । ଏନେଇ ପିଡବ୍ଲୁଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲ କହିଛନ୍ତି ଯେ, ଉକ୍ତ ରାସ୍ତାରେ ବହୁ ପ୍ରାଇଭେଟ ଜମି ଥିବାରୁ କମ୍ପାନୀ ପକ୍ଷରୁ ସେହି ଜମି କ୍ରୟ କରି ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କଲେ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ।

ଆଗରପଡାରେ ବିଜେପିର ପ୍ରଶିକ୍ଷଣ ଶିବିର

ଭଦ୍ରକ,୩୧/୩(ନି/ପ୍ର): ଭଦ୍ରକ ଜିଲ୍ଲା ଆଗରପଡା ହେମପଦ୍ମ ଗାଲାକ୍ସି ପରିସରରେ ଚାଲିଥିବା ମହତାବ ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ଉଦଯାପିତ ହୋଇଯାଇଛି । ଏହି ଶିବିରରେ ୮ ଗୋଟି ସତ୍ରରେ କାର୍ଯ୍ୟକର୍ତ୍ତା ଏବଂ ପଦାଧିକାରୀ ମାନଙ୍କୁ ମାର୍ଗ ଦର୍ଶନ କରାଯାଇଥିଲା । ଉଦ୍‌ଯାପନୀ ସତ୍ରରେ ଦଳର ଭଣ୍ଡାରିପୋଖରୀ ବିଧାନସଭା ନେତା ଡ.ସୁଧାଂଶୁ ଶେଖର ନାୟକ ସରକାରଙ୍କ ସଫଳତା ଏବଂ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରି କେନ୍ଦ୍ରରେ ମୋଦି ଏବଂ ରାଜ୍ୟରେ ମୋହନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ବିଦ୍ୟାଳୟ ଭିତିଭୂମିର ବିକାଶ, ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନାରେ ସଡକ ନିର୍ମାଣ, ମୋଟ୍ରୋ ସିଟି , ରେଲୱେ ଲାଇନ୍, ଜାତୀୟ ରାଜପଥ,ମେଡିକାଲ୍ କଲେଜ ସାଙ୍ଗକୁ ଏୟାରପୋର୍ଟ ବୃଦ୍ଧି ମୋଦୀ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ବିଶେଷ କରି ମୋଦୀଜିଙ୍କ କେନ୍ଦ୍ରରେ ୧୨ ବର୍ଷର ଶାସନ କାଳ ମଧ୍ୟରେ ଦେଶର ପ୍ରଭୂତ ଉନ୍ନତି ଘଟିଥିବା ବେଳେ ଆଗାମୀ ୨୦୪୭ ରେ ବିକଶିତ ଭାରତ ବର୍ଷ ଗଠନର ଲକ୍ଷ୍ୟ ରଖି ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଆଗକୁ ବଢିବା ନେଇ ସେ ଆହ୍ୱାନ ଦେଇଥିଲେ । ଆଜି ଅନୁଷ୍ଠିତ ପଚଂ ଗୋଟି ସତ୍ର ମଧ୍ୟରେ ରାଷ୍ଟ୍ରୀୟ ପରିଷଦର ରାଜ୍ୟ ପରିଷଦ ସଭ୍ୟ ଅନିଲ୍ ବେହେରା ଇତିହାସ ଏବଂ ବିକାଶ ଉପରେ କହି ଜନ ସଂଘରୁ ବିଜେପିର ଜୟଯାତ୍ରା ଓ ପାର୍ଟିର ଇତିହାସ ଉପରେ ମତ ରଖିଥିଲେ । ଜିଲ୍ଲା ଉପ-ସଭାନେତ୍ରୀ ତପସ୍ୱିନୀ ମହାପାତ୍ର ଦଳର କାର୍ଯ୍ୟ ପଦ୍ଧତି ଉପରେ ବିସ୍ତୃତ ବିବରଣୀ ରଖି ନିୟମିତ ପଦାଧିକାରୀ ବୈଠକ କର ଦଳୀୟ ଆଲୋଚନା ମାଧ୍ୟମରେ ଦଳର ଶକ୍ତି ବୃଦ୍ଧି ନେଇ କହିଥିଲେ । ପୂର୍ବତନ ଜିଲ୍ଲା ସମ୍ପାଦକ ଅମ୍ବିକା ଦାସ ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସଆଇଆର) ଉପରେ ମତ ରଖି ଜଣେ ବ୍ୟକ୍ତି ଏକାଧରକ ସ୍ଥାନରେ ଭୋଟ୍ ଦେବା ଏବଂ ଚଚଂକତା ଏସଆଇଆର ନିୟମ କିପରି ବାଧକ ସାଜିଛି ସେ ନେଇ କହିଥିଲେ । ଜିଲ୍ଲା ସମ୍ପାଦକ କିଶୋର କିଙ୍କର ପଢିଆରୀ ବୁଥ ପରିଚାଳନା ଓ ମନକି ବାତ୍ ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟକର୍ତ୍ତା ମାନଙ୍କୁ ସମର୍ପିତ ମନୋଭାବ ରଖି କାର୍ଯ୍ୟ କରିବାକୁ କହିଥିଲେ । ମହତାବ ମଣ୍ଡଳ ସଭାପତି ଅମୂଲ୍ୟ ରତ୍ନ ନନ୍ଦଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସତ୍ରକୁ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ସିଂହ, ସୁବାଷ ପଣ୍ଡା, ଅଶୋକ ପରିଡା, ଗୋପାଳ କୃଷ୍ଣ ଦାଶ ପରିଚାଳନା କରିଥିଲେ । ଶେଷରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମାରୋପ ସଙ୍ଗୀତ ସହ ଦଳୀୟ ପତାକା ଅବତରଣ କରାଯାଇଥିଲା । ଚିନ୍ମୟ ମହାପାତ୍ର, ନିର୍ମଳ ନାୟକ, ପ୍ରଦୀପ ପୁହାଣ, ରବିନ୍ଦ୍ର ପଣ୍ଡା, ବିଜ୍ଞାନ ଭୂଷଣ ମହାନ୍ତି, କିରଣ ମୟ ବେହେରା, ବସନ୍ତ ପତି,ଗଦାଧର ବେହେରା, କୈଳାସ ଚନ୍ଦ୍ର ଧଳ, ବାସନ୍ତି ମହାପାତ୍ର, ମଦନ କଟୁଆଳ, ପୟୋଧର ବାରିକ, ହିମାଦ୍ରୀ ମହାନ୍ତି, ଜୟକୃଷ୍ଣ ସାହୁ, ପ୍ରତାପ କୁମାର ପଣ୍ଡା, ନିତ୍ୟାନନ୍ଦ ସିଂହ,ବୁଟୁ ପାଢୀ, ଶୁଭେନ୍ଦୁ ବେହେରା, ତପନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତରେ ସମ୍ବଲପୁରର ସୁଜାତା ଭୂୟାଁ

ସମ୍ବଲପୁର,୩୧/୩(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଷ୍ଠିତ ମନ୍ କି ବାତ୍ କାର୍ଯ୍ୟକ୍ରମ ସଂସ୍କରଣରେ ସମ୍ବଲପୁର ଜିଲ୍ଲାର ଜଣେ ସାଧାରଣ ଗୃହିଣୀରୁ ସଫଳ ମାଛ ଚାଷୀ ସାଜିଥିବା ସୁଜାତା ଭୂୟାଁଙ୍କ ସଫଳତା ନେଇ ସ୍ଥାନ ପାଇବା ପରେ ଏହାକୁ ନେଇ ବେଶ୍ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହା ସାରା ଦେଶରେ ଦୃଷ୍ଟାନ୍ତ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପ୍ରତିଷ୍ଠିତ 'ମନ କି ବାତ୍' କାର୍ଯ୍ୟକ୍ରମରେ ସୁଜାତାଙ୍କ ଉଦ୍ୟମ ଓ ସଫଳତା ସମ୍ପର୍କରେ ଆଲୋଚନା କରି ପ୍ରଶଂସା କରିଛନ୍ତି । ଏହା ପରେ ସ୍ଥାନୀୟ ମୋଦିପଡା ନିବାସୀ ସୁଜାତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଆସୁଛି । ୨୦୨୨ ମସିହାରୁ ମାଛ ଚାଷ ଆରମ୍ଭ କରିଥିବା ସୁଜାତା ଆଜି କେବଳ ନିଜେ ସ୍ୱାବଲମ୍ବୀ ହୋଇନାହାନ୍ତି ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ପନ୍ଥା ସୃଷ୍ଟି କରିଛନ୍ତି । ସୁଜାତା କହିଛନ୍ତି ଯେ, କେଜ କଲଚର ମାଧ୍ୟମରେ ସେ ଏହି ଚାଷ ଆରମ୍ଭ କରିଥିଲେ । ସରକାରଙ୍କ ତରଫରୁ ପ୍ରାୟ ୩୨ ଲକ୍ଷ ୪୦ ହଜାର ଟଙ୍କାର ସବସିଡି ସହାୟତା ତାଙ୍କୁ ଏହି ବ୍ୟବସାୟକୁ ଆଗକୁ ନେବାରେ ବହୁତ ସାହାଯ୍ୟ କରିଛି । ବର୍ତ୍ତମାନ ସେ ବାର୍ଷିକ ୨୫ ରୁ ୩୦ ଟନ୍ ମାଛ ଉତ୍ପାଦନ କରୁଥିବା ବେଳେ ଏଥିରୁ ଲାଭ ଉପାର୍ଜ୍ଜନ କରୁଛନ୍ତି । ମୁଖ୍ୟତଃ 'ତିଲାପିଆ' କିସମର ମାଛ ଚାଷ କରୁଥିବା ବେଳେ ତାଙ୍କ ଉତ୍ପାଦିତ ମାଛ ରାୟପୁର, କୋଲକାତା ଓ ବାଙ୍ଗାଲୋର ଭଳି ବଡ଼ ସହରକୁ ରପ୍ତାନୀ ହେଉଛି । ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିବାରୁ ସେ ବହୁତ ଖୁସି ଅଛନ୍ତି ଏବଂ ଆଗକୁ ଏହି ବ୍ୟବସାୟକୁ ଆହୁରି ବଡ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି ଯେ, ମହିଳା ମାନେ ସ୍ୱାବଲମ୍ବୀ ହେବା ପାଇଁ ଆଗେଇ ଆସିବା ଉଚିତ ।

ଚଳିତ ବର୍ଷ ହନୁମାନ ଜୟନ୍ତୀକୁ ଭବ୍ୟ ଓ ବିଶାଳ କରିବା ପାଇଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ବୈଠକ

ଦୂଷିତ ଖାଦ୍ୟ ଖାଇ ଭାଲିଆଡିହାର ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

ଚିତ୍ରଡା,୩୧/୩(ନି/ପ୍ର):ମୟୂରଭଞ୍ଜଜିଲ୍ଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଦୂଷିତ ଖାଦ୍ୟ ଖାଇ ଅସୁସ୍ଥ ହୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଉକ୍ତ ବିଦ୍ୟାଳୟରେ ବାଲବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଉଛି । ଏଥିରେ ୩୨୪ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହା ସହ ବିଦ୍ୟାଳୟ ପରିସରରେ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ ଏବଂ ଏକ ଆଦିବାସୀ ହରିଜନ ବାଳିକା ବିଦ୍ୟାଳୟ ରହିଛି । କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ୧୭୦ଜଣ ଛାତ୍ରୀ ରହି ପାଠ ପଢୁଛନ୍ତି । ଉକ୍ତ ହଷ୍ଟେଲର ସୁପରିଟେଣ୍ଡେଟ ଦାୟିତ୍ୱରେ ପ୍ରଧାନ ଶିକ୍ଷୟତ୍ରୀ ହରିପ୍ରିୟା ମହାନ୍ତ ଓ ୱାର୍ଡେନ ଦାୟିତ୍ୱରେ ଶିକ୍ଷୟତ୍ରୀ ସୁଜାତାରାଣୀ ପଣ୍ଡା ଅଛନ୍ତି । ଆଜି ଉକ୍ତ ହଷ୍ଟେଲର ୧୪ଜଣ ଛାତ୍ରୀ ଗୁରୁତର ଅବସ୍ଥାରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ଛାତ୍ରୀମାନଙ୍କ ପେଟ ଯନ୍ତ୍ରଣା ସହିତ ବାନ୍ତି, ଜ୍ୱର ହେଉଛି । ଦୂଷିତ ଖାଦ୍ୟ ଖାଇ ଛାତ୍ରୀ ମାନେ ଅସୁସ୍ଥ ହୋଇଥିବା କଥା କହିଛନ୍ତି ଡାକ୍ତର ଚନ୍ଦ୍ରମୋହନ ସିଂ । ଏନେଇ ୱାର୍ଡେନ ପଣ୍ଡାଙ୍କୁ ପଚାରିବାରୁ ହଷ୍ଟେଲରେ ଉପଯୁକ୍ତ ଖାଦ୍ୟ ଦିଆଯାଉଥିବା କଥା କହିଥିଲେ । ସେହିପରି ପ୍ରଧାନ ଶିକ୍ଷୟତ୍ରୀ ମଧ୍ୟ ସମାନ କଥା ଦୋହରାଇଥିଲେ । ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ପୂର୍ବରୁ ଏଠାରେ ପିଇବା ପାଣି ଉପଯୁକ୍ତ ନଥିବାରୁ ଡାକ୍ତରୀ ଦଳ ପହଁଚି ଯାଚଂ କରିଥିଲେ ଏବଂ ଆଜିର ଘଟଣାକୁ ନେଇ ପୁଣି ଯାଚଂ କରାଯିବ ବୋଲି କହିଛନ୍ତି ।

ଲେଖାଶ୍ରୀ କ୍ଷମା ପ୍ରାର୍ଥନା ନକଲେ ତାଙ୍କ ବାସଭବନ ଘେରାଉ ହେବ

କେନ୍ଦ୍ରାପଡ଼ା,୩୧/୩(ନି/ପ୍ର): ରାଜ୍ୟରେ ଥିବା କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଅଗ୍ରଦୂତ ହେଉଛନ୍ତି ପୂର୍ବତନ ବିଧାୟକ ଡ଼. ପ୍ରଭାତ ରଞ୍ଜନ ବିଶ୍ୱାଳ । ସେ ଓଡ଼ିଶାର କଳାକାର ପରିବାର ଓ ସଂକୀର୍ତ୍ତନ ମଣ୍ଡଳୀ ପରିବାର ସଦସ୍ୟଙ୍କ ସହ ଓତପ୍ରୋତ ଭାବେ ଜଡିତ । ସେମାନଙ୍କ ସୁଖ ଦୁଃଖର ସାଥି ହେଉଛନ୍ତି ପୂର୍ବତନ ବିଧାୟକ ଡ଼. ବିଶ୍ୱାଳ । କିନ୍ତୁ ନିକଟରେ ବିଜେଡ଼ି ରାଜ୍ୟ ଉପ ସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଡ଼. ବିଶ୍ୱାଳ କଳାକାର ସଂକୀର୍ତ୍ତନମାନଙ୍କ ଠାରୁ ଟଙ୍କା ଆଦାୟ କରନ୍ତି । ଏହା କଳାକାର ସଂଘ ଓ ସଂକୀର୍ତ୍ତନ ମଣ୍ଡଳୀ ସଂଘର ମୁରବୀ ଡ଼. ବିଶ୍ୱାଳଙ୍କ ପ୍ରତି ଘୋର ଅପମାନ ସୂଚକ ମନ୍ତବ୍ୟ । ଏହି ମନ୍ତବ୍ୟକୁ ଯଦି ଶ୍ରୀମତୀ ସାମନ୍ତସିଂହାର ପ୍ରତ୍ୟାହାର ନ କରନ୍ତି ଓ ଡ଼. ବିଶ୍ୱାଳଙ୍କୁ କ୍ଷମା ନ ମାଗନ୍ତି ତେବେ ଲେଖାଶ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲାର ଶତାଧିକ କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀ ସଂଘ କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି । ରବିବାର ଛୁଟି ଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାର ପ୍ରତି ବ୍ଲକରୁ ସହ ସହ ସଂଖ୍ୟାରେ କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । କେନ୍ଦ୍ରାପଡ଼ା ଜିଲା ସଂସ୍କୃତି ଓ କଳା ପରିଷଦର ସଭାପତି ନବଘନ ନାୟକ ଓ ସମ୍ପାଦକ ସୁଦର୍ଶନ ମଲ୍ଲିକଙ୍କ ନେତୃତ୍ୱରେ ଏହି ଘେରାଉ କରାଯାଇଥିଲା । ଏଥିରେ ସମଗ୍ର ଜିଲାର ଶତାଧିକ କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଯୋଗଦେଇ ବିଜେଡି ଉପ ସଭାନେତ୍ରୀ ଲେଖାଶ୍ରୀ ଡ଼. ବିଶ୍ୱାଳଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ । ଲେଖାଶ୍ରୀଙ୍କୁ ଏକ ସପ୍ତାହ ସମୟ ଦିଆଯାଇଛି ତାଙ୍କ ମତ ପରିବର୍ତ୍ତନ କ୍ଷମା ପ୍ରାର୍ଥନା କରନ୍ତୁ ନହେଲେ ଏଭଳି ଭୁଲ ମନ୍ତବ୍ୟ ପାଇଁ ଦଳରୁ ଇସ୍ତଫା ଦିଅନ୍ତୁ । ଯଦି ଦୁଇଟି କାର୍ଯ୍ୟରୁ କୌଣସିଟି ନକରିବେ ତେବେ ତାଙ୍କ ବାସଭବନ ସମ୍ମୁଖରେ ରାଜ୍ୟର ହଜାର ହଜାର କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟମାନେ ଝାଞ୍ଜ ମୃଦଙ୍ଗ ବଜାଇ ଘେରାଉ କରିବେ ଓ ଏଥିପାଇଁ ସେ ହି ଦାୟୀ ରହିବେ ବୋଲି ସଂସ୍କୃତି ଓ କଳା ପରିଷଦ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ଶାଖାର ସମ୍ପାଦକ ସୁଦର୍ଶନ ମଲ୍ଲିକ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଡ଼. ବିଶ୍ୱାଳ ହେଉଛନ୍ତି କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ମୁରବୀ । ଆମ ମୁରବୀଙ୍କ ପ୍ରତି ଏଭଳି ଅପମାନ ସୂଚକ କଥା ଗ୍ରହଣ ଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି । ଲେଖାଶ୍ରୀଙ୍କ ମନ୍ତବ୍ୟ ସମ୍ପର୍କରେ ଡ଼. ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ ମୋତେ ଓଡ଼ିଶାର ଲକ୍ଷ ଲକ୍ଷ କଳାକାର ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଜାଣିଛନ୍ତି । ଯଦି ଲେଖାଶ୍ରୀ ପ୍ରମାଣ କରିଦେବେ ମୁଁ କୌଣସି କଳାକାର କିମ୍ବା ସଂକୀର୍ତ୍ତନ ମଣ୍ଡଳୀ ଠାରୁ ମାତ୍ର ଟଙ୍କାଟିଏ ନେଇଛି ତେବେ ମୁଁ ରାଜନୀତିରୁ ସନ୍ୟାସ ନେଇଯିବି ।

ଆକାଶ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୩୧/୩(ନି/ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ଠାରେ ଥିବା ଜିଲ୍ଲାର ଖ୍ୟାତିନାମା ଆକାଶ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ -୨୦୨୬ ମହାଆଡ଼ମ୍ବରରେ ସମ୍ପାଦକ ସ୍ୱାଗତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓୟୁଏଚ୍‌ଏସ୍ ଫାର୍ମାସୀର ଡିନ୍ ଡଃ. ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ, ଏଡିଭିଆଇଏସ୍‌ସଲ୍ୟୁସନ୍‌ର ନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲନନ୍ଦୀ ମୁଖ୍ୟବକ୍ତା, ଜି.କେ.ଟି.ଏ.ବି.ଏସ୍‌ର ନିର୍ଦ୍ଦେଶକ କରିବା ପାଇଁ ଆହ୍ୱାନ ଦେଇଥିଲେ ।

୩ ବର୍ଷ ପରେ ବି ସମ୍ପୂର୍ଣ୍ଣ ହେଉନି ଆବାସ ଘର

ରାଇଘର,୩୧/୩(ନି/ପ୍ର):ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଖଟିଖିଆ ଭଳି ଅତି ନିରୀହ ଜନସାଧାରଣ ମାନଙ୍କ ମୁଣ୍ଡ ଉପରେ ଛାତ ଖଣ୍ଡେ ଦେବା ଉଦେଶ୍ୟ ନେଇ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କରିଛନ୍ତି ।ଏହି ଯୋଜନାରେ ଲକ୍ଷାଧିକ ହିତାଧିକାରୀ ମାନଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ମିଳୁଛି ଓ ସେମାନେ ସରକାରୀ ଯୋଜନାରେ ଘର ଖଣ୍ଡେ ଖଣ୍ଡେ ପାଇ ବେସ ଖୁସି ମଧ୍ୟ ହେଉଛନ୍ତି ।ହେଲେ ନବରଙ୍ଗପୁର ଜିଲ୍ଲାର ରାଇଘର ଭଳି ଉପାନ୍ତ ଅଚଂଳର ଜନସାଧାରଣ ଆବାସ ଘର ପାଇବା ପରେବି ଲମ୍ପଟ ଠିକାଦାର ମାନଙ୍କ ପାଇଁ ପଶ୍ଚାତାପ କରୁଥିବା ଭଳି ଦୃଶ୍ୟ ସାମ୍ନାକୁ ଆସୁଛି ।ସୂଚନା ପ୍ରକାରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପାରୁଆ ପଂଚାୟତ ଅନ୍ତର୍ଗତ ଛତାବେଡା ଗ୍ରାମର ତିନିଜଣ ହିତାଧିକାରୀ ରୁପତି ରାଉତ ଏବଂ ମନବାଥ ଗଣ୍ଡ ୨୦୨୩ଆର୍ଥିକ ବର୍ଷରେ ଘର ଖଣ୍ଡେ ଖଣ୍ଡେ ପାଇଥିଲେ ।ହେଲେ କିଛି ଲମ୍ପଟ ଠିକାଦାରଙ୍କ ଚଂଗୁଲରେ ପଡି ଆଜିଯାଏ ଆବାସ ଯୋଜନାରୁ ବଂଚିତ ରହିଥିବା ଭଳି ଅନୁଭବ କରୁଛନ୍ତି ।ଠିକାଦାର ମାନେ ହିତାଧିକାରୀ ମାନଙ୍କୁ ନିଜ ନିଜ ଜାଲରେ ଛନ୍ଦୀ କିସ୍ତି ପରେ କିସ୍ତି ଟଙ୍କା ଉଠାଇ ନେଉଥିଲେ ସୁଦ୍ଧା ଘର କାର୍ଯ୍ୟ ସମ୍ପୂର୍ଣ୍ଣ ନାହାନ୍ତି ।ଏବିଷୟରେ ସ୍ଥାନୀୟ ବିଡ଼ିଓଙ୍କୁ ପଚାରିବାରୁ ସେ ମୁଁ ଯାହା ଯାହାର ଘର ଆସିଛି ସେମାନଙ୍କୁ କାର୍ଯ୍ୟାଦେଶ ଦେଇ ଦେଇଛି ।ସେମାନେ ନିଜେ କରୁଛନ୍ତି କି କେଁଉ ଠିକାଦାରକୁ ଦେଇଛନ୍ତି ମୁଁ ଜାଣିନି ।ତେଣୁ ମୁଁ ଏ ବିଷୟରେ କିଛି କହି ପାରିବିନି ।ତେବେ ସାଧାରଣ ଜନତା କେତେଦିନ ଯାଏ ଏଭଳି ଲମ୍ପଟ ଠିକାଦାର ମାନଙ୍କ ଠକାମୀର ଶିକାର ହେଉଥିବେ ଓ ପ୍ରଶାସନ କୌଣସି ପଦକ୍ଷେପ ନନେଇ କଣ ପାଇଁ ହାତରେ ହାତ ବାନ୍ଧି ଚୁପଚାପ ବସିଥିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।ଅନ୍ୟପକ୍ଷେ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବୀ ଜୋର ଧରିଛି ।

ରାଜସ୍ଥାନ ପରିଷଦ ପକ୍ଷରୁ ରାଉରକେଲାରେ ରାଜସ୍ଥାନ ଦିବସ ପାଳନ

ରାଉରକେଲା,୩୧/୩(ନି/ପ୍ର): ରାଜସ୍ଥାନ ଦିବସ ଅବସରରେ ରାଜସ୍ଥାନ ପରିଷଦ ପକ୍ଷରୁ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜସ୍ଥାନ ପରିଷଦର ଅମର ଭବନ ପରିସରରେ ରାଜସ୍ଥାନ ଦିବସ ଉପଲକ୍ଷେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଭଗବାନ ଗଣେଶଙ୍କ ମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ, ରାଜସ୍ଥାନ ପରିଷଦର ପୃଷ୍ଠପୋଷକ ଗୋପାଳ ବାଗାଡିଆ, ସଭାପତି ଜୁଗଲ ମାରୋଥିଆ, ହରିୟାଣା ନାଗରିକ ସଂଘର ସଭାପତି ସଞ୍ଜୟ ଅଗ୍ରୱାଲ, ମହାରାଜା ଅଗ୍ରସେନ ସେବା ସଂଘର ସଭାପତି ଓମପ୍ରକାଶ ବାପୁଡିଆଙ୍କ ସମେତ ରାଜସ୍ଥାନ ପରିଷଦର ପୂର୍ବତନ ଅଧ୍ୟକ୍ଷ, ପୃଷ୍ଠପୋଷକ କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ, ସଭାପତି ଜୁଗଲ ମାରୋଥିଆ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମସ୍ତଙ୍କୁ ରାଜସ୍ଥାନ ଦିବସର ଶୁଭେଚ୍ଛା ଜଣାଇଥିଲେ। ପୃଷ୍ଠପୋଷକ ଗୋପାଳ ବାଗାଡିଆ ସମସ୍ତଙ୍କୁ ରାଜସ୍ଥାନ ଦିବସର ଅଭିନନ୍ଦନ ଜଣାଇଥିଲେ। ରାଜସ୍ଥାନ ପରିଷଦର ପୂର୍ବତନ ଅଧ୍ୟକ୍ଷମାନେ ରାଜସ୍ଥାନର ନାୟକମାନଙ୍କ ଗାଥା ଏବଂ ରାଜସ୍ଥାନର ସଂସ୍କୃତି, ଭାଷା ଏବଂ ସଭ୍ୟତା ବିଷୟରେ ସୂଚନା ଦେଇଥିଲେ। ସେମାନେ ସମସ୍ତଙ୍କୁ ରାଜସ୍ଥାନ ଦିବସର ଶୁଭେଚ୍ଛା ମଧ୍ୟ ଜଣାଇଥିଲେ। ଏହି ଅବସରରେ, ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ କୋଲକାତାରୁ ଆସିଥିବା ରାଜସ୍ଥାନୀ ଲୋକ ଗାୟିକା ଦୁର୍ଗା କୋଠାରୀ ସର୍ବୋତ୍ତମ ରାଜସ୍ଥାନୀ ଗୀତ ଗାଇଥିଲେ। ତାଙ୍କ ଦଳର କଳାକାରମାନେ ରାଜସ୍ଥାନୀ ଲୋକନୃତ୍ୟ ପରିବେଷଣ କରିଥିଲେ। ପରିଷଦର ସଦସ୍ୟମାନେ ରାଜସ୍ଥାନୀ ଗୀତ ଶୁଣି ନାଚିବା ଆରମ୍ଭ କରିଥିଲେ। ଏହି ଅବସରରେ, ପୃଷ୍ଠପୋଷକ ଅତିଥି ଏବଂ ପୂର୍ବତନ ସଭାପତି ଏବଂ ପୃଷ୍ଠପୋଷକ କମିଟିର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ରାଜସ୍ଥାନ ପରିଷଦର ପୂର୍ବତନ ସଭାପତି ମହାବୀର ଟୋଡି, ବଦ୍ରିନାରାୟଣ ମାହେଶ୍ୱରୀ, ସନ୍ତୋଷ ପାରିକ ଶୈଳେନ୍ଦ୍ର ମାରୋଥିଆ, ସନ୍ତୋଷ ଅଗ୍ରୱାଲ, ପୃଷ୍ଠପୋଷକ କମିଟି ସଦସ୍ୟ ରମେଶ ରାଜୁକା, ବିନୋଦ ମୋଦି, ପରିଷଦର ଉପାଧ୍ୟକ୍ଷ ବିନୋଦ ନାରେଡି, ସଚିବ ଲଳିତ କେଜରିୱାଲ, ସହ-ସଚିବ ମନୋଜ ଅଗ୍ରୱାଲ, ବିନୟ ଶର୍ମା, କୋଷାଧ୍ୟକ୍ଷ ମୁକେଶ ରାଜ କେଡିଆ, କାର୍ଯ୍ୟକ୍ରମ ସଂଯୋଜକ ବିନୋଦ ମୋଦି ଏବଂ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କର ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅବଦାନ ଥିଲା। ରାଜସ୍ଥାନ ପରିଷଦର ସଦସ୍ୟମାନେ ସେମାନଙ୍କ ପରିବାର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ମହାବୀର ଜୟନ୍ତୀ ଅବସରରେ ବିଶାଳ ଶୋଭାଯାତ୍ରା

ରାଉରକେଲା,୩୧/୩(ନି/ପ୍ର): ମହାବୀର ଜୟନ୍ତୀ ଅବସରରେ ଆଜି ରାଉରକେଲା ସହରରେ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା। ପ୍ରଭୁ ମହାବୀରଙ୍କ ଜନ୍ମବାର୍ଷିକୀ ଅବସରରେ ସକାଳ ୯ଟାରେ ମଧୁସୂଦନ ମାର୍ଗ ଅମର ଭବନରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା। ଜୈନ ସମାଜର ଶହ ଶହ ପୁରୁଷ, ମହିଳା ଏବଂ ଯୁବକ ଢୋଲ ଓ ତୂରୀ ସହିତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୈନ ସମ୍ପ୍ରଦାୟ ଦ୍ୱାରା ବାହାର କରାଯାଇଥିବା ଏହି ଶୋଭାଯାତ୍ରାରେ ଭଗବାନ ମହାବୀରଙ୍କ ସ୍ଲୋଗାନ ଦିଆଯିବା ସହିତ ଯୁବ ଏବଂ ମହିଳାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅମର ଭବନରୁ ବାହାରି ମଧୁସୂଦନ ଚୌକ ଦେଇ, ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା ପାୱାର ହାଉସ ଛକ ନିକଟସ୍ଥ ଜୈନ ମନ୍ଦିରରେ ପହଚିଂଥିଲା। ଏହି ସମୟରେ, ଜୈନ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ସରବତ୍ ଏବଂ ଫଳ ବଣ୍ଟନ ସହ ଶୋଭାଯାତ୍ରାରେ ମହାବୀର ଜୈନଙ୍କ ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ଜୈନ ମନ୍ଦିରରେ ପହଚିଂବା ପରେ, ମନ୍ଦିର ଭିତରେ ପ୍ରଭୁ ମହାବୀରଙ୍କ ପୂଜା କରାଯାଇଥିଲା। ଏହି ପୂଜାରେ ବିମଳ ଜୈନ, ମୁରଲୀ ମୋହନ ଜୈନ, ପବନ ଜୈନ, ସୁରେନ୍ଦ୍ର ଜୈନ, ଦିନେଶ ଜୈନ, ଦୀପକ ଜୈନ, ନିବୁ ଜୈନ, ଆଦେଶ ଜୈନ, ବିକାଶ ଜୈନ, ଅଶୋକ ଜୈନ, ଛଗନଲାଲ ଜୈନ, ମାଙ୍ଗିଲାଲ ବୋଥ୍ରା, ରୂପଚାନ୍ଦ ବୋଥ୍ରା, ବିକାଶ ଜୈନଙ୍କ ସମେତ ସମାଜର ଲୋକମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା। ବାସନ୍ତୀ କଲୋନୀ ସ୍ଥିତ ତେରାପନ୍ଥ ଜୈନ ଭବନ ପରିସରରେ ଦିଗମ୍ବର ଜୈନ ସମ୍ପ୍ରଦାୟ ଏବଂ ଶ୍ୱେତାମ୍ବର ଜୈନ ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଗରିମା ପରିବାରର ଉତ୍କଳ ଦିବସ ପାଳନ ଆଗାମୀ ଏପ୍ରିଲ ୨ରେ

ରାଉରକେଲା,୩୧/୩(ନି/ପ୍ର): ସହରର ଅନ୍ୟତମ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଗରିମା ପରିବାରର ଅଷ୍ଟମ ଉତ୍କଳ ଦିବସ ପାଳନ ଆସନ୍ତା ଏପ୍ରିଲ ମାସ ୨ ତାରିଖ ଦିନ ସିଭିକ ସେଣ୍ଟର ଠାରେ ପାଳନ କରାଯିବ। ଏନେଇ ଅନୁଷ୍ଠାନ ତରଫରୁ ସେକ୍ଟର ୨ ସେହେନାଇ ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କୁ ସୂଚନା ଦେଇ କୁହାଯାଇଛି ଯେ ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ କୁମାର ରାୟ , ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୈାର, ଦୀପିକା ମହିଳା ସଂହତିର ଉପସଭାପତି ପ୍ରତିଜ୍ଞା ପଲେଇ ଅତିଥି ଭାବେ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମାଜସେବୀ ଅନୁଶ୍ରୀ ଦାଶ ଓ ସୁନ୍ଦରଗଡ଼ର ଗୀତାଞ୍ଜଳି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହା ସହିତ ଓଡ଼ିଆ କଳା, ସଂସ୍କୃତି ଓ ନାରୀ ସଶକ୍ତିକରଣ ଆଧାରିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ, ଆନନ୍ଦ ସୁନା ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ନବଦୁର୍ଗା କାର୍ଯ୍ୟକ୍ରମ ସହ ସ୍ୱର୍ଗତ ଅଭିଜିତ ମଜୁମଦାର ଓ ହ୍ୟୁମାନ ସାଗର ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷା ନିହାରିକା ବସ୍ତିଆ, ସଭାପତି ମମତା ନାୟକ, ସମ୍ପାଦିକା ଡ ସରିତା ମଲ୍ଲ, କାର୍ଯ୍ୟକ୍ରମର ସଂଯୋଜିକା ସୁମିତା ପଟ୍ଟନାୟକଙ୍କ ସହ ପ୍ରଣତୀ ପଟ୍ଟନାୟକ, ମୋନାଲିସା ସାହୁ, ମୋନାଲିସା ଗୈାଡ଼, ଶଙ୍ଖରିନା ପ୍ରଧାନ, ଶାନ୍ତିଲତା ବାରିକ, ରେବତୀ ବାରିକ, ମୀନାକ୍ଷୀ ପାଢ଼ୀ,ରିମି ଚକ୍ରବର୍ତ୍ତୀ, ଶର୍ମିଳା ତ୍ରିପାଠୀ, ସନ୍ତୋଷୀ ମଲ୍ଲିକ, ଲୀନା ତ୍ରିପାଠୀ, ରଶ୍ମିତା ଚୈାଧୁରୀ, ମମତା ଦାସ, ସୁନିତା ଶ୍ରିନିବାସନ, ଦେବସ୍ମିତା ଶତପଥୀ, ମୀନତି ମୋଦୀ,ଲୁସି ଦାଶ, ସସ୍ମିତା ମିଶ୍ର, ତପସ୍ୱିନୀ ପାତ୍ର, ମଞ୍ଜୁ ରାଣୀ ମେହେର, ସବିତା ମହାପାତ୍ର, ରଶ୍ମି ନାୟକ, ଭାଗ୍ୟଶ୍ରୀ ଦାସ,ବ୍ରତତୀ ପ୍ରଧାନ, ଗାୟତ୍ରୀ ମହାନ୍ତି, ଶୁଭଲକ୍ଷ୍ମୀ ପାତ୍ର, ପ୍ରତିଷ୍ଠାତା ଶଙ୍କର ଜେନା ଓ ମୁଖ୍ୟ ଉପଦେଷ୍ଟା ରଶ୍ମିତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ସହରବାସୀ ବହୁ ସଂଖ୍ୟାରେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି।

ଓଡ଼ିଆ ଭାଷା ବିକାଶ ମଂଚର ବସନ୍ତ କାବ୍ୟସଂଧ୍ୟା ଓ ଆଲୋଚନାଚକ୍ର

ରାଉରକେଲା,୩୧/୩(ନି/ପ୍ର): ଓଡ଼ିଆ ଭାଷା ବିକାଶ ମଂଚ ଆନୁକୂଲ୍ୟରେ କଲଚରାଲ ଏକାଡେମୀ ପରିସରରେ ମଂଚର ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ବସନ୍ତ କାବ୍ୟ ସଂଧ୍ୟା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ ରୂପେ ମାର୍କସୀୟ ଚେତନାର ବ୍ୟାଖ୍ୟାକାର ବିଷ୍ଣୁ ମହାନ୍ତି "ଭୂରାଜନୈତିକ ଚିତ୍ରପଟରେ ଯୁଦ୍ଧ" ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ରଖି ବିଶ୍ୱଯୁଦ୍ଧର ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ଯୁଦ୍ଧର ବିବରଣୀ ପ୍ରଦାନ କରି ପୁଞ୍ଜିବାଦୀ ଚେତନା, କ୍ଷମତା,ଲୋଭ ଓ ପ୍ରତିପତ୍ତି ପାଇଁ ଅହଂକାରର ରେ ରେକାର ଶବ୍ଦରେ ସାମ୍ରାଜ୍ୟବାଦୀ ଶକ୍ତିମାନେ ପୃଥିବୀକୁ କିପରି ରକ୍ତରେ ଲହୁଲୁହାଣ କରୁଛନ୍ତି,ତା'ର ବିଶଦ ବ୍ୟାଖ୍ୟା କରିଥିଲେ। ଆବାହକ ଶ୍ରୀ ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣରେ ସାମ୍ପ୍ରତିକ ଯୁଦ୍ଧର ବିଭୀଷିକା ସମଗ୍ର ବିଶ୍ୱର ଅର୍ଥନୈତିକ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ କିପରି ବିପର୍ଯ୍ୟସ୍ତ କରିଦେଇଛି ଏବଂ ଦେଶମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର ପାଇଁ ପୁଞ୍ଜିବାଦୀ ଶକ୍ତି ଗଣତନ୍ତ୍ରର ଧ୍ୱଜା ଉଡ଼େଇ ନିରଙ୍କୁଶ ଏକଛତ୍ରବାଦର ପନ୍ଝା ଭିତରେ ସମଗ୍ର ବିଶ୍ୱକୁ ନିଜ ଅକ୍ତିଆରରେ ରଖି ଶୋଷଣ ଓ ବିସ୍ତାରବାଦୀ ନୀତିକୁ ଆପଣେଇ ଧ୍ୱଂସର ରାଗିଣୀ ତୋଳୁଛି , ତାହା ଉପରେ ତାଙ୍କର ଆଲୋଚନାକୁ ରଖି ବିଶ୍ୱର ଦୟନୀୟ ଅବସ୍ଥାକୁ କେବଳ ମାର୍କସୀୟ ସାମ୍ୟବାଦୀ ଚେତନା ହିଁ ଉଚିତ୍ ମାର୍ଗ ପ୍ରଦର୍ଶନ କରିପାରିବ ବୋଲି କହିଥିଲେ । ସଭାପତି ଶ୍ରୀ ପତି ଆଲୋଚନା ନିର୍ଯ୍ୟାସକୁ ଉପସ୍ଥାପନ କରି ଆଜିର ଯୁଦ୍ଧ ଧ୍ୱଂସର ସାହାନାଇ ବଜାଇବା ପାଇଁ ଅଭିପ୍ରେତ ନହୋଇ ଶାନ୍ତି, ପ୍ରଗତି, ନିପୀଡିତର ଉନ୍ନତି ଓ ଶୋଷଣର ଅବସାନ ପାଇଁ ଅଭିପ୍ରେତ ହେଉ ବୋଲି ମନ୍ତବ୍ୟ ପ୍ରଦାନ କରି ପଂଚମ ଶତାବ୍ଦୀରୁ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କାବ୍ୟକାରମାନେ ସଂସ୍କୃତ , ଓଡ଼ିଆ, ହିନ୍ଦୀ, ଏବଂ ବଙ୍ଗଳା ଭାଷାରେ ବସନ୍ତ ଋତୁର ଯେଉଁ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା କରିଥିଲେ , ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ ।

ସାହିତ୍ୟ ଟୁଙ୍ଗିର ମାସିକ ସାହିତ୍ୟ ଆସର

ଜୟପୁର,୩୧/୩(ନି/ପ୍ର): ଜୟପୁର ପୂଜ୍ୟପୂଜା ସଂସଦ, ଜୟପୁରର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ମହାନ ସ୍ୱାଧୀନତା ସଂଗ୍ରାମୀ ସହୀଦ ଲକ୍ଷଣ ନାୟକ ଫାଶୀ ଦିବସ ଅବସରରେ ବିଭିନ୍ନ ଶିକ୍ଷନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ ଓ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଖ୍ୟାତ ସାହିତ୍ୟିକ ପ୍ରେମାନନ୍ଦ ଦାଶଙ୍କ ଲିଖିତ ଗଳ୍ପସଂକଳନ 'ମାଟିରୁ ଆକାଶ'କୁ ସମୀକ୍ଷା କରିଥିଲେ ଏକମ୍ବା ଉଚ୍ଚବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ମିଶ୍ର। ସଂସଦର ଉପଦେଷ୍ଟା କେଦାରନାଥ ବେହେରା, ଉପସଭାପତି ତପନ କିରଣ ତ୍ରିପାଠୀ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ପୁରସ୍କାର ବଂଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସରକାରଙ୍କ ସେବାନିବୃତ୍ତ ଜଳସଂପଦ ସର୍ବୋଚ୍ଚ ଯନ୍ତ୍ରୀ ସ୍ୱର୍ଗତ ଦାସରଥି ନନ୍ଦ ସ୍ମୃତିଚାରଣ କରାଯାଇଥିଲା। ସଂସଦର ସଂପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସହ ସଂପାଦକ ମୃତ୍ୟୁଞ୍ଜୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ପୂର୍ବତନ ମୁଖ୍ୟ କିରାଣୀ ସୁବାଷ ଚନ୍ଦ୍ର ଦାସ ଲାଂଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଗଲେ

ରାଉରକେଲା,୩୧/୩(ନି/ପ୍ର): ଆଜି ରାଉରକେଲା ଆର ଆଣ୍ଡ ବି ବିଭାଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପୂର୍ବତନ ହେଡ୍ କ୍ଲର୍କ ବା ମୁଖ୍ୟ କିରାଣୀ ସୁବାସ ଚନ୍ଦ୍ର ଦାସ (ଅବସରପ୍ରାପ୍ତ) ଲାଂଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଛନ୍ତି। ସେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଧାରା ୧୩(୨) ଆର/ଡବ୍ଲୁ ୧୩(୧)(ଡି)/୭ ପିସି ଆଇନ, ୧୯୮୮ ଅନ୍ତର୍ଗତ ଏକ ମାମଲାରେ ଜଣେ ଠିକାଦାରଙ୍କ ଦ୍ୱାରା ସମ୍ପାଦିତ ନିର୍ମାଣ କାର୍ଯ୍ୟ ପାଇଁ ତାଙ୍କର ସୁରକ୍ଷା ଟଙ୍କା ମୁକ୍ତ କରିବାକୁ ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଚାର୍ଜସିଟ୍ କରାଯାଇଥିଲା। ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୫,୦୦୦/- ଟଙ୍କା (ପନ୍ଦର ହଜାର ଟଙ୍କା) ଜୋରିମାନା ଦେବାକୁ ଦଣ୍ଡିତ କରିଛନ୍ତି। ଦୋଷୀସାବ୍ୟସ୍ତ ସୁବାସ ଚନ୍ଦ୍ର ଦାସଙ୍କୁ ତାଙ୍କ ସଜା ପୂରଣ କରିବା ପାଇଁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଓଡିଶା ଭିଜିଲାନ୍ସ ଆରଆଣ୍ଡବି ବିଭାଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଥିବା ସୁବାଷ ଚନ୍ଦ୍ର ଦାସ (ଅବସରପ୍ରାପ୍ତ) ଦଣ୍ଡିତ ହେବା ପରେ, ଭିଜିଲାନ୍ସ ତାଙ୍କର ପେନସନ ବନ୍ଦ କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ସୂଚନା ଦିଆଯାଇଛି।

ବାଲିଶଙ୍କରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୩୧/୩(ନି/ପ୍ର): ବାଲିଶଙ୍କରା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼। ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୭ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୮ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୩ ଗୋଟି ଅଭିଯୋଗ ର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ

ରାଉରକେଲା,୩୧/୩(ନି/ପ୍ର): ରାମନବମୀ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସେକ୍ଟର ୩ ସ୍ଥିତ ଶ୍ରୀ ଶ୍ରୀ ସୀତାରାମ ମନ୍ଦିର ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପ୍ରବଚନ,ଯଜ୍ଞ, ପ୍ରସାଦ ସେବନ ଆଦି ସମ୍ପନ୍ନ କରାଯାଇଥିଲା। ପ୍ରଖଣ୍ଡ ସଭାପତି ପ୍ରଭାତ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଦାବରୀଶ ଶତପଥୀ, ସତ୍ୟାନନ୍ଦ ଦାସ, ସର୍ବେଶ୍ୱର ଦାସ, ସନାତନ ପଟେଲ ପ୍ରମୁଖ ଯୋଗଦେଇ ହିନ୍ଦୁ ରାଷ୍ଟ୍ର ଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟବେର ସାତ୍ତ୍ୱିକ ଭାବକୁ ବୃଦ୍ଧି, ସନାତନୀ ହିନ୍ଦୁ ଧର୍ମ ସମାଜ ଐକ୍ୟବଦ୍ଧତା ତଥା ସଂସ୍କୃତି ଓ ପରମ୍ପରାକୁ ବଚାଂଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଏହାର ଗୈାରବମୟ ଇତିହାସ,ପ୍ରଭୁ ଶ୍ରୀରାମ କିପରି ଆମର ଆଦର୍ଶ, ଫୋନ୍ ରେ ହାଲୋ ପରିବର୍ତ୍ତେ ହରି ଓମ୍ ଉଚ୍ଚାରଣ କରିବା ପାଇଁ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଶ୍ରୀ ଶ୍ରୀ ସୀତାରାମ ମନ୍ଦିର ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ, ବୈାଦ୍ଧିକ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଚୁଡ଼ି ବଟଂନ ଓ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

ସେଲ୍,ଆରଏସପି ଅନ୍ତର୍ଗତ ସିଂଟର ପ୍ଲାଂଟ-୧ ବିଭାଗରେ ସୁରକ୍ଷା ସଚେତନତା ନାଟକ ପ୍ରଦର୍ଶିତ

ରାଉରକେଲା,୩୧/୩(ନି/ପ୍ର): କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସୁରକ୍ଷିତ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ସିଂଟର ପ୍ଲାଂଟ-୧ ବିଭାଗରେ ମାର୍ଚ୍ଚ ୨୭ ତାରିଖ ଦିନ ସୁରକ୍ଷାର ନିୟମ ଶୀର୍ଷକ ଏକ ସୁରକ୍ଷା ସଚେତନତା ନାଟକ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. ଆର. ପଲାଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ-ଚାର୍ଜ ଶ୍ରୀ ଏ. ସି. ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଶ୍ରୀ ଏସ. ଏସ. ରାୟଚୌଧୁରୀ ଏବଂ ସୁରକ୍ଷା ବିଭାଗର ସିଜିଏମ୍ ଶ୍ରୀ ହୀରାଲାଲ ମହାପାତ୍ରଙ୍କ ସହ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ସ୍ୱାଗତ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସିଂଟର ବିଭାଗର ସିଜିଏମ୍ ଶ୍ରୀ ଶେଖର ନାରାୟଣ ନିଜ ସ୍ୱାଗତ ଭାଷଣରେ, ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥି ସହ ସୁରକ୍ଷା କେବଳ ଏକ ପ୍ରାଥମିକତା ନୁହେଁ, ବରଂ ଜୀବନର ଏକ ଉପାୟ ବୋଲି ଗୁରୁତ୍ୱାରୋପ ମଧ୍ୟ କରିଥିଲେ। ସୁରକ୍ଷା ନାଟକଟି ବାସ୍ତବ ଜୀବନରେ କାର୍ଯ୍ୟକ୍ଷେତ୍ର ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ଚିତ୍ରଣ କରିଥିଲା। ଏଥି ସହ, ସୁରକ୍ଷାରେ ଅବହେଳାର ପରିଣାମ ଏବଂ ସୁରକ୍ଷା ମାନଦଣ୍ଡ ପାଳନ କରିବାର ଗୁରୁତ୍ୱ ଉପରେ ଏକ ଦୃଢ଼ ବାର୍ତ୍ତା ମଧ୍ୟ ଦେଇଥିଲା। ଏହି ଆକର୍ଷଣୀୟ ନାଟକଟି ଉପସ୍ଥିତ ସମସ୍ତଙ୍କ ଦ୍ୱାରା ଅତ୍ୟନ୍ତ ପ୍ରଶଂସନୀୟ ହୋଇଥିଲା। ଏହି ନାଟକରେ ଏସପି-୧ ବିଭାଗର ଶ୍ରୀ ସୌମ୍ୟରଞ୍ଜନ ଜେନା, ଶ୍ରୀ କରନ ଓରାମ, ଶ୍ରୀ ଘନଶ୍ୟାମ ଗୋଣ୍ଡା, ଶ୍ରୀ ଅରୁଣ କେରକେଟ୍ଟା, ସୁଶ୍ରୀ କିସମତୀ ସିଂହ, ସୁଶ୍ରୀ ସୁଜାତା ଏକ୍କା, ସୁଶ୍ରୀ ଶକୁନ୍ତଳା ଭୂମିଜ ଏବଂ ଶ୍ରୀ ବିଜୟ ସୋଇ ପ୍ରଶଂସନୀୟ ଅଭିନୟ କରିଥିଲେ। ସୂଚନା ଯୋଗ୍ୟ ଯେ, ଏସପି-୧ ବିଭାଗର ଏଜିଏମ ଶ୍ରୀ ପ୍ରଭାତ କୁମାର ଦାଶ ଏହି ନାଟକର ରଚନା ଏବଂ ନିର୍ଦ୍ଦେଶନା ଦେଇଥିବାବେଳେ କାର୍ଯ୍ୟକ୍ରମର ସଂଯୋଜନା ମଧ୍ୟ କରିଥିଲେ। ସମାବେଶକୁ ସମ୍ବୋଧିତ କରି, ଶ୍ରୀ ବି. ଆର. ପଲାଇ କଳାକାର ଏବଂ ଆୟୋଜକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହା ସହ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ବଜାୟ ରଖିବା ପାଇଁ ନିରନ୍ତର ସତର୍କତା, ଶୃଙ୍ଖଳା ଏବଂ ପ୍ରତିବଦ୍ଧତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ କଳାକାରମାନଙ୍କୁ ସମ୍ମାନିତ ମଧ୍ୟ କରିଥିଲେ। ଶେଷରେ ଏସପି-୧ (ଇଲେକ୍ଟ୍ରିକାଲ୍) ବିଭାଗର ଜିଏମ ଶ୍ରୀ ସଞ୍ଜୟ ତଲୱାର ଧନ୍ୟବାଦ କରିଥିଲେ। ଏହି କାର୍ଯ୍ୟକ୍ରମଟି ଏସପି-୧ ର ବିଭାଗୀୟ ମୁଖ୍ୟ ଶ୍ରୀ ଶୁଭ୍ରାଂଶୁ ଚକ୍ରବର୍ତ୍ତୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସୁରକ୍ଷା କେବଳ ଏକ ନିୟମ ନୁହେଁ, ବରଂ ଏକ ଦାୟିତ୍ୱ ଓ ସଂସ୍କୃତି ଯାହା ସମସ୍ତଙ୍କ ପାଳନୀୟ ବାର୍ତ୍ତାକୁ ଦୃଢ଼ କରିବାରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲା।